ଧରିତ୍ରୀ
DHARITRI
Monday , 25 November 2019



" ସମ୍ପତ୍ତି ଲୋକଙ୍କର ଭଲ ପାଇଁ ଖର୍ଚ୍ଚ ହେଉ ଏହା ମୋ ମା ଏବଂ ମହାତ୍ମା ଗାନ୍ଧୀଙ୍କଠାରୁ ଶିଖିଛି।

–ଅଜୀମ ପ୍ରେମଜୀ, ୱିପ୍ରୋ ପ୍ରତିଷ୍ଠାତା



" ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଋଣ ଦେବା ସମୟରେ ନିଜର କ୍ଷମତା ଏବଂ ଦୁର୍ବଳତା ଭଳି ପ୍ରସଙ୍ଗଗୁଡିକୁ ବିଚାର କରିବା ଆବଶ୍ୟକ।

– ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥ ମନ୍ତ୍ରୀ



## ସଂକ୍ଷେପରେ

### ସ୍ୱିସ୍ ବ୍ୟାଙ୍କ ଜମା: ନଜରରେ ସାଙ୍ଗଲି ରାଜ ପରିବାର

ନୂଆଦିଲ୍ଲୀ,୨୪-୧୧

ସ୍ୱିସ ବ୍ୟାଙ୍କରେ ଜମାଖାତା ରଖିବା ମାମଲାରେ ମହାରାଷ୍ଟ୍ରର ସାଙ୍ଗଲି ରାଜ ପରିବାର ଏବେ ନଜରରେ ଅଛନ୍ତି। ଭାରତୀୟ ଯାଞ୍ଚ ଅଧିକାରୀ ଏହି ମାମଲାରେ ୨ ବ୍ୟକ୍ତି ବିଶେଷଙ୍କ ତଥ୍ୟ ସୁଇଜରଲାଣ୍ଡର ଟିକସ ବିଭାଗକୁ ମାଗିଛି। ଏଥିରେ ସୁଇଜରଲାଣ୍ଡ ପକ୍ଷରୁ ସାଙ୍ଗଲି ରାଜପରିବାରର ବିଜୟ୍ ସିଂ ମାଧବରାଓ ପଟ୍ଟବର୍ଦ୍ଧନ ଏବଂ ତାଙ୍କ ସ୍ତ୍ରୀ ରୋହିଣୀ ବିଜୟ୍ ସିଂ ପଟ୍ଟବର୍ଦ୍ଧନଙ୍କୁ ନୋଟିସ ଜାରି କରାଯାଇଛି। ଏହାର ଉତ୍ତର ଶୀଘ୍ର ରଖିବାକୁ ନୋଟିସରେ କୁହାଯାଇଛି।

### ଇନ୍‌ସଲଭେନ୍ସି ଆଇନରେ ସଂଶୋଧନ ଆସିବ

ନୂଆଦିଲ୍ଲୀ,୨୪-୧୧

ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍‌ରେ ପରିବର୍ତ୍ତନ କରିବା ଲାଗି ଯୋଜନା ହେଉଛି। ଏହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସମ୍ପତ୍ତି କିଣୁଥିବା କମ୍ପାନୀ ଲାଗି ବିଭିନ୍ନ ସୁବିଧା କରିବାକୁ ଚିନ୍ତା କରାଯାଉଛି। କମ୍ପାନୀର ପୂର୍ବ ପ୍ରମୋଟରଙ୍କ ଆର୍ଥିକ ଅପରାଧ ଯୋଗୁ ଆଇବିସି କ୍ଷେତ୍ରରେ ବିଭିନ୍ନ ଅସୁବିଧା ରହିଛି। ଆଇବିସି ଧାରାକୁ ଆହୁରି ଆକର୍ଷଣୀୟ କରିବା ଲାଗି ଏଭଳି ପଦକ୍ଷେପ ହାତକୁ ନିଆଯିବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

■ଘରୋଇ ହସ୍ପିଟାଲରେ ଚିକିତ୍ସା ଖର୍ଚ୍ଚ

# ସରକାରୀ ତୁଳନାରେ ୭ ଗୁଣ ଅଧିକ

ନୂଆଦିଲ୍ଲୀ,୨୪-୧୧

ଘରୋଇ ହସ୍ପିଟାଲରେ ଚିକିତ୍ସା ଖର୍ଚ୍ଚ ସାଧାରଣତଃ ଅଧିକ ରହିଥିବା ପ୍ରାୟ ସମସ୍ତଙ୍କୁ ଜଣା। ଏହି ହସ୍ପିଟାଲଗୁଡିକରେ ହାରାହାରି ଚିକିତ୍ସା ଖର୍ଚ୍ଚ ସରକାରୀ ହସ୍ପିଟାଲ ତୁଳନାରେ ୭ ଗୁଣ ଅଧିକ ବୋଲି ନ୍ୟାଶନାଲ ସାମ୍ପଲ ସର୍ଭେ (ଏନ୍‌ଏସ୍‌ଏସ୍) ପକ୍ଷରୁ ପ୍ରକାଶ ପାଇଥିବା ରିପୋର୍ଟରୁ ସାମ୍ନାକୁ ଆସିଛି। ସରକାରୀ ହସ୍ପିଟାଲରେ ଚିକିତ୍ସା ଲାଗି ହାରାହାରି ପ୍ରାୟ ୪,୪୫୨ ଟଙ୍କା ରହିଥିବା ବେଳେ ଏହା ଘରୋଇ ହସ୍ପିଟାଲ କ୍ଷେତ୍ରରେ ୩୧,୮୪୫ ଟଙ୍କା ରହିଛି। ଏହି ରିପୋର୍ଟରେ ପ୍ରସବ ଜନିତ ଖର୍ଚ୍ଚ ପ୍ରସଙ୍ଗକୁ ସାମିଲ କରାଯାଇ ନାହିଁ। ୨୦୧୭-୧୮ର ଜୁଲାଇ-ଜୁନ ମଧ୍ୟରେ ହୋଇଥିବା ସର୍ଭେକୁ ଆଧାର କରି ଏହି ରିପୋର୍ଟ ପ୍ରକାଶ ପାଇଛି। ସହରାଞ୍ଚଳରେ ସରକାରୀ ହସ୍ପିଟାଲର ଖର୍ଚ୍ଚ ପ୍ରାୟ ୪,୮୩୭

**ଏନ୍‌ଏସ୍‌ଏସ୍ ରିପୋର୍ଟ**



ଟଙ୍କା ଥିବା ବେଳେ ଗ୍ରାମାଞ୍ଚଳରେ ଏହା ୪୨୯୦ ଟଙ୍କା ରହିଛି।

ଘରୋଇ ହସ୍ପିଟାଲରେ ଭର୍ତ୍ତି ହେଲେ ଗ୍ରାମାଞ୍ଚଳରେ ପ୍ରାୟ ୨୭,୪୩୭ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସହରାଞ୍ଚଳରେ ଏହା ୩୮,୮୨୨ ଟଙ୍କା ରହିଛି। ଗ୍ରାମାଞ୍ଚଳରେ ଥରେ ହସ୍ପିଟାଲରେ ଭର୍ତ୍ତି ହେଲେ ପରିବାର ପିଛା ହାରାହାରି ଖର୍ଚ୍ଚ ୧୬,୬୭୬ ଟଙ୍କା ରହିଛି। ଏହା ସହରାଞ୍ଚଳରେ ୨୬, ୪୭୫ ଟଙ୍କା ରହିଛି। ୧.୧୩ ଲକ୍ଷ ପରିବାରକୁ ନେଇ ଏହି ସର୍ଭେ କରାଯାଇଛି। ପୂର୍ବରୁ ଏଭଳି ସର୍ଭେ ୧୯୯୫-୯୬, ୨୦୦୪ ଏବଂ ୨୦୧୪ରେ କରାଯାଇଥିଲା। ଚିକିତ୍ସା ଲାଗି ୪୨% ଲୋକ ସରକାରୀ ଡାକ୍ତରଖାନାକୁ ଚୟନ କରୁଥିବା ବେଳେ ୫୫% ଲୋକ ଘରୋଇ କ୍ଷେତ୍ର ହସ୍ପିଟାଲକୁ ଚୟନ କରୁଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ବେସରକାରୀ ହସ୍ପିଟାଲରେ ଭର୍ତ୍ତି ହେଉଥିବା ଲୋକଙ୍କ ଅନୁପାତ ୨.୭% ରହିଛି। ପ୍ରସବ କ୍ଷେତ୍ରରେ ଗ୍ରାମାଞ୍ଚଳରେ ସରକାରୀ ହସ୍ପିଟାଲ ଖର୍ଚ୍ଚ ପ୍ରାୟ ୨୪୦୪ ଟଙ୍କା ଥିବା ବେଳେ ଏହା ଘରୋଇ ହସ୍ପିଟାଲରେ ୨୦,୭୮୮ ଟଙ୍କା ରହିଛି। ସେହିଭଳି ସହରର ସରକାରୀ ହସ୍ପିଟାଲ ଏବଂ ଘରୋଇ ହସ୍ପିଟାଲ ଲାଗି ଉକ୍ତ ବର୍ଗରେ ଯଥାକ୍ରମେ ୩,୧୦୬ ଟଙ୍କା ଏବଂ ୨୯,୧୦୫ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି।

ରିପୋର୍ଟ ମୁତାବକ ୨୮% ପ୍ରସବ କ୍ଷେତ୍ରରେ ଅପରେଶନ କରିବାକୁ ପଡିଛି। ସରକାରୀ ହସ୍ପିଟାଲରେ ୧୭% ପ୍ରସବ ଲାଗି ଅପରେଶନ କରାଯାଇଛି। ଏହା ମଧ୍ୟରେ ୯୨% ଅପରେଶନ ମାଗଣାରେ କରାଯାଇଛି। ଏହାବାଦ ଘରୋଇ ହସ୍ପିଟାଲରେ ୫୫% ପ୍ରସବ କ୍ଷେତ୍ରରେ ଅପରେଶନ କରାଯାଇଛି। ଏହା ମଧ୍ୟରେ ମାତ୍ର ୧% ଅପରେଶନ ମାଗଣା ରହିଛି। ସେହିଭଳି ରୋଜଗାର କଥା ବିଚାରକୁ ନେଲେ ପ୍ରତି ବ୍ୟକ୍ତିଙ୍କର ହାରାହାରି ଆୟ ୭୯,୮୮୨ ଟଙ୍କା ରହିଛି। କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରୀ ବିଜୟ ଗୋୟଲ ଅଗଷ୍ଟରେ ଏ ନେଇ ସଂସଦରେ ସୂଚନା ଦେଇଥିଲେ। ଅଗଷ୍ଟରେ ବେତନକୁ ନେଇ ଏକ ରିପୋର୍ଟ ଆସିଥିଲା। ନିୟମିତ କାର୍ଯ୍ୟ କରୁଥିବା ପ୍ରାୟ ୪୫% ଲୋକ ପ୍ରତି ମାସ ୧୦ ହଜାରରୁ କମ୍ ରୋଜଗାର କରୁଥିବା ପ୍ରକାଶ ପାଇଥିଲା। ୧୨% ଲୋକଙ୍କୁ ମାସିକ ଭିତ୍ତିରେ ୫ ହଜାରରୁ କମ୍ ବେତନ ମିଳୁଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

# ଅନିଲଙ୍କ ସମେତ ଅନ୍ୟ ୪ ନିର୍ଦ୍ଦେଶକଙ୍କ ଇସ୍ତଫାପତ୍ର ନାମଞ୍ଜୁର

ନୂଆଦିଲ୍ଲୀ,୨୪-୧୧

ରିଲାଏନ୍ସ କମ୍ୟୁନିକେଶନ ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ ପଦବୀରୁ ଅନିଲ ଅମ୍ବାନୀଙ୍କ ସମେତ ଅନ୍ୟ ୪ ନିର୍ଦ୍ଦେଶକ ନିକଟରେ ଇସ୍ତଫା ଦେଇଥିଲେ। ବର୍ତ୍ତମାନ ଇନସଲଭେନ୍ସି ପ୍ରକ୍ରିୟା ଦେଇ ଚାଲୁଥିବା ଏହି କମ୍ପାନୀର ଋଣଦାତାମାନେ ସେମାନଙ୍କ ଇସ୍ତଫା ପତ୍ରକୁ ନାମଞ୍ଜୁର କରି ଦେଇଛନ୍ତି। ଇନସଲଭେନ୍ସି ପ୍ରକ୍ରିୟାରେ ସହଯୋଗ କରିବା ଲାଗି ଏମାନଙ୍କୁ କୁହାଯାଇଛି। ବିଏସ୍‌ଇକୁ କମ୍ପାନୀ ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ରାୟନା କରାନି, ଛାୟା ବିରାନି, ମଞ୍ଜରୀ କାକେର ଏବଂ ସୁରେଶ ରଙ୍ଗାଚାର ନିର୍ଦ୍ଦେଶକ ପଦବୀରୁ ଇସ୍ତଫା ଦେଇଥିଲେ। ନିକଟରେ କମ୍ପାନୀର ବୋର୍ଡ ବୈଠକ ବସିଥିବା ବେଳେ ଇସ୍ତଫାପତ୍ରକୁ ନ ଗ୍ରହଣ କରିବା ଲାଗି ଏଠାରେ ନିଷ୍ପତ୍ତି ହୋଇଥିଲା। ନିର୍ଦ୍ଦେଶକ ଭାବେ ଏମାନଙ୍କୁ ଦାୟିତ୍ୱ ନିର୍ବାହ କରିବା ଲାଗି ପ୍ରସ୍ତାବ ଦିଆଯାଇଛି। ଟେଲିକମ୍ କ୍ଷେତ୍ରର ପୁରୁଣା ବକେୟା ପ୍ରଦାନ ଲାଗି ନିକଟରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ କମ୍ପାନୀକୁ ୩୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ସହିବାକୁ ପଡିଛି। ଗୋଟିଏ ତ୍ରୈମାସ କ୍ଷତି କ୍ଷେତ୍ରରେ କୌଣସି ଭାରତୀୟ କମ୍ପାନୀ ଲାଗି ଏହା ଦ୍ୱିତୀୟ ବଡ କ୍ଷତି ବୋଲି ଜଣାପଡିଛି।


## ଆତ୍ମା ଢେଙ୍କାନାଳ

**ବିଜ୍ଞାପନ**

୧. ଆତ୍ମା ଢେଙ୍କାନାଳ ସମସ୍ତ ସହଭାଗୀ ବିଭାଗଙ୍କୁ ନେଇ କାର୍ଯ୍ୟ କରୁଅଛି। ୨. ଚାଷୀଙ୍କ ଆର୍ଥିକ ଆୟ ବୃଦ୍ଧି ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ସହିତ କାର୍ଯ୍ୟକ୍ରମ। ୩. ଛତୁ, ମାଛ ଚାଷ, ଉଦ୍ୟାନ କୃଷି, ଗୃହପାଳିତ ପ୍ରାଣୀ ପାଳନ ପାଇଁ ଯୋଜନା। ୪. କୃଷକମାନଙ୍କୁ ଅଧିକ ଜ୍ଞାନଶୀଳ ପାଇଁ ତାଲିମ ବ୍ୟବସ୍ଥା। ୫. ଧାଡ଼ିବୁଣା, ଧାଡ଼ିରୁଆ ଧାନଚାଷ ପାଇଁ ପ୍ରୋତ୍ସାହନ। ୬. ମାଟି ପରୀକ୍ଷା ଓ ପ୍ରତ୍ୟେକ ପରିବାରକୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ। ୭. କୃଷକ ସାଥୀମାନଙ୍କୁ ପ୍ରତ୍ୟେକ ପଞ୍ଚାୟତର କାର୍ଯ୍ୟ ତଦାରଖ ଓ କୃଷି ସମ୍ପର୍କୀୟ ସହାୟତା। ୮. ଧାନଚାଷ ପରେ ଜମିରେ ପରବର୍ତ୍ତୀ ତୈଳବୀଜ ଓ ଡାଲିଜାତୀୟ ଫସଲ ଚାଷ। ୯. ରବିଋତୁରେ ଜଳସେଚିତ ଜମିରେ ମଧୁର ମକାଚାଷ। ୧୦. ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ ଅଧିକ ଜ୍ଞାନ ଆହରଣ ପାଇଁ କୃଷକମାନଙ୍କ ଭ୍ରମଣ ବ୍ୟବସ୍ଥା। ୧୧. ରାଜ୍ୟ ଓ ଜିଲ୍ଲାସ୍ତରୀୟ କୃଷି ପ୍ରଦର୍ଶନ ପାଇଁ ଚାଷୀଙ୍କ ଭ୍ରମଣ ବ୍ୟବସ୍ଥା। ୧୨. କୃଷି ଯାନ୍ତ୍ରିକରଣର ପ୍ରସାର ନିମିତ୍ତ ତାଲିମ ବ୍ୟବସ୍ଥା। ୧୩. ରୋଗ ଓ ପୋକ ସର୍ବେକ୍ଷଣ ପାଇଁ ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷକ ସାଥୀମାନଙ୍କୁ ତାଲିମ ପ୍ରଦାନ। ୧୪. କୃଷି ଓ କୃଷକଙ୍କୁ ସୂଚନା ପତ୍ର ମାଧ୍ୟମରେ ଜ୍ଞାନ ପ୍ରଦାନ। ୧୫. ବ୍ଲକ ସ୍ତରୀୟ ପରିଚାଳନା କମିଟି ମଧ୍ୟରେ ଚାଷୀଙ୍କ ସମସ୍ୟା ସମାଧାନ।

## ବାରିପଦା ପୌରପାଳିକା

**ନିବେଦନ**

- ବିଭିନ୍ନ ୱାର୍ଡ଼ରେ ମ୍ୟୁନିସିପାଲିଟି ତରଫରୁ ହେଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି ସହିତ ଏହାର ପ୍ରତିକାର ପାଇଁ ପ୍ରତ୍ୟେକ ୱାର୍ଡ଼ରେ ୱାର୍ଡ଼ ଅଫିସ୍ ୩୧ ଅଗଷ୍ଟ ୨୦୧୯ ତାରିଖ ଠାରୁ ଦିନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଖୋଲା ଯାଇଅଛି। ଜନସାଧାରଣଙ୍କୁ ଏହାର ସୁବିଧା ନେବା ପାଇଁ ଅନୁରୋଧ।
- ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର ଅନ୍ୟତମ ମୁଖ୍ୟ କାରଣ ହୋଇଥିବାରୁ ପ୍ଲାଷ୍ଟିକ ବ୍ୟବହାରରୁ ନିବୃତ୍ତ ରୁହନ୍ତୁ ଓ ବାରିପଦା ସହରକୁ ପ୍ଲାଷ୍ଟିକ ମୁକ୍ତ ସହର ରୂପେ ଘୋଷଣା କରିବାରେ ସହଯୋଗ କରିବାକୁ ଅନୁରୋଧ।
- ନିଜ ଘରୁ ବାହାରୁଥିବା ଆବର୍ଜନାକୁ ଓଦା ଓ ଶୁଖିଲା ଭାବେ ଭାଗ କରି ଅଲଗା ଅଲଗା କୁଣ୍ଡରେ ରଖନ୍ତୁ ଏବଂ ଆବର୍ଜନା ସଂଗ୍ରହକାରୀଙ୍କୁ ଦିଅନ୍ତୁ।
- ଆପଣଙ୍କ ପାଇଖାନା ଟାଙ୍କିକୁ ପୌର ପାଳିକା ଦ୍ୱାରା ପ୍ରଚଳିତ ସୁଲଭ ଦରରେ ଉପଲବ୍ଧ ସେସପୁଲ ଗାଡ଼ି ବ୍ୟବହାର କରି ସଫା କରନ୍ତୁ ଏବଂ ନିଜ ପାଇଖାନା ଟାଙ୍କିକୁ ଅତି କମ୍‌ରେ ତିନି ବର୍ଷ ବ୍ୟବଧାନରେ ସଫା କରନ୍ତୁ। ଯୋଗାଯୋଗ ନମ୍ବର: ୦୬୭୯୨-୨୫୩୩୬୬।
- ସ୍ୱଚ୍ଛ ସର୍ବେକ୍ଷଣ – ୨୦୧୯ରେ ବାରିପଦା ସହରକୁ ଏକ ନମ୍ବର କରିବାରେ ପୌର ପରିଷଦକୁ ସହଯୋଗ କରନ୍ତୁ।
- ଗୃହ ଓ ଦୋକାନ ଟିକସ ସଠିକ୍ ସମୟରେ ପୈଠ କରିବାରେ ସାହାଯ୍ୟ କରନ୍ତୁ।
- ନିଜର ଯେ କୌଣସି ବ୍ୟବସାୟ ପାଇଁ ପୌର କାର୍ଯ୍ୟାଳୟରୁ ଟ୍ରେଡ଼ ଲାଇସେନ୍ସ କରାଇ ନିଅନ୍ତୁ।

ସୌଜନ୍ୟ–ବାରିପଦା ପୌରପାଳିକା

## ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ

**ନୋଟିସ**

ଏତଦ୍ୱାରା ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦର ସହରବାସୀଙ୍କୁ ଜଣାଇ ଦିଆଯାଉଅଛି ଯେ, ୧. ପ୍ଲାଷ୍ଟିକ୍ ଓ ପଲିଥିନ୍ ବର୍ଜନ କରନ୍ତୁ। ୨. ଦୈନନ୍ଦିନ ବର୍ଜ୍ୟବସ୍ତୁ ସଂଗୃହୀତ ରଖି ପରିଷଦର ସଫେଇ ଗାଡ଼ିରେ ଦିଅନ୍ତୁ। କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ବର୍ଜ୍ୟବସ୍ତୁକୁ ହସ୍ତାନ୍ତର କରନ୍ତୁ। ୩. ଠିକ୍ ସମୟରେ ଟିକସ ପୈଠ କରନ୍ତୁ। ୪. ପରିଷଦ ତରଫରୁ ଟ୍ରେଡ୍ ଲାଇସେନ୍ସ ନେଇ ବ୍ୟବସାୟ କରନ୍ତୁ। ୫. ସରକାରୀ ଜାଗାକୁ ଅବରୋଧ କରି ଗୃହ କିମ୍ବା ଦୋକାନ କରନ୍ତୁ ନାହିଁ।

ଏଗୁଡ଼ିକୁ ଅବମାନନା କଲେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ

## ସର୍ବସାଧାରଣଙ୍କ ନିମନ୍ତେ ସୂଚନା

## ଶିକ୍ଷା ଅଧିକାର, ସମଗ୍ର ଶିକ୍ଷା, ଢେଙ୍କାନାଳ

- ୬ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁ ମାଗଣାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଘର ପାଖ ବିଦ୍ୟାଳୟରେ (ପ୍ରାଥମିକ-୧ କିମି, ଉଚ୍ଚ ପ୍ରାଥମିକ-୩ କିମି ଦୂରତା ଥାଇ) ନାମ ଲେଖାଇବେ।
- କୌଣସି ଶିଶୁଙ୍କ ଜନ୍ମ ପ୍ରମାଣପତ୍ର ବା ବଦଳି ପ୍ରମାଣପତ୍ର ଅଭାବରେ କିମ୍ବା ବିଳମ୍ବରେ ପ୍ରବେଶଜନିତ କାରଣରୁ ବିଦ୍ୟାଳୟରେ ସେମାନଙ୍କୁ ନାମଲେଖାରୁ ବଞ୍ଚିତ କରାଯାଇପାରିବ ନାହିଁ।
- ବିଦ୍ୟାଳୟ ବାହାରେ ଥିବା ଶିଶୁମାନଙ୍କୁ ସେମାନଙ୍କର ବୟସ ଅନୁସାରେ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାହେବ।
- ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ନିରାପଦ ତଥା ଉପଯୁକ୍ତ ଯାତାୟାତ ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ସୁଯୋଗର ବ୍ୟବସ୍ଥା ରହିଛି।
- ପିଲାମାନଙ୍କୁ ବିଦ୍ୟାଳୟରେ କୌଣସି ପ୍ରକାର ଶାରୀରିକ ଦଣ୍ଡ, ପରିଚାଳନା ତଥା ବିଦ୍ୟାଳୟର ଉନ୍ନତି ନିମନ୍ତେ ଯୋଜନା କରିବା ପାଇଁ ମୁଖ୍ୟତଃ ଅଭିଭାବକମାନଙ୍କୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଗଠନ ହେବ ଏବଂ ପ୍ରତି ମାସର ପୂର୍ଣ୍ଣିମା ଦିନ ବୈଠକ ଅନୁଷ୍ଠିତ ହେବ।
- କୌଣସି ପିଲାକୁ ବିଦ୍ୟାଳୟରେ ପ୍ରବେଶ ନିମନ୍ତେ କୌଣସି ଚୟନ ପ୍ରକ୍ରିୟା ଓ ମୁଣ୍ଡପିଛା ଦେୟ ଦେବାକୁ ପଡ଼ିବ ନାହିଁ।
- ବେସରକାରୀ ବିଦ୍ୟାଳୟମାନଙ୍କରେ ପ୍ରଥମ ଶ୍ରେଣୀ ବା ତା'ଠାରୁ ତଳ ଶ୍ରେଣୀ (ପ୍ରବେଶ ସ୍ତର)ରେ ସେହି ଶ୍ରେଣୀ କ୍ଷମତାର ସର୍ବନିମ୍ନ ୨୫% ସ୍ଥାନ ଆର୍ଥିକ ଓ ସାମାଜିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ସଂରକ୍ଷିତ ରହିବ।
- ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅଣ-ଶିକ୍ଷା କାର୍ଯ୍ୟକ୍ରମ (ଜନଗଣନା, ପ୍ରାକୃତିକ ବିପର୍ଯ୍ୟୟ/ଦୁର୍ବିପାକ ପରିଚାଳନା କାର୍ଯ୍ୟ ତଥା ନିର୍ବାଚନ ପ୍ରକ୍ରିୟା ବ୍ୟତୀତ)ରେ ଭାଗ ନେବା ନିଷେଧ।

ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ଢେଙ୍କାନାଳ

## 'ଧରିତ୍ରୀ' ପରିବାରକୁ ୪୬ତମ ସ୍ୱନକ୍ଷତ୍ର ଅଭିନନ୍ଦନ

## OFFICE OF THE GRAM PANCHAYAT, BANCHO

୧. ପଞ୍ଚାୟତରେ ୩୨୦ ଜଣ ଜବ୍‌କାର୍ଡ଼ଧାରୀଙ୍କୁ ଏମ୍‌ଜିଏନଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟ ମିଳିଛି।
୨. ପଞ୍ଚାୟତରେ ୧୩୫୦ ଜଣ ରାଶନକାର୍ଡ଼ଧାରୀଙ୍କୁ ଯୋଗାଣ ସାମଗ୍ରୀ ମିଳୁଛି।
୩. ପଞ୍ଚାୟତରେ ୩ଟି ଗ୍ରାମରେ ଆଲୋକୀକରଣ କରାଯାଇଛି।
୪. ପଞ୍ଚାୟତରେ ୪୦୦ ଜଣଙ୍କୁ ସରକାରୀ ଆବାସ ଯୋଜନାରେ ବାସଗୃହ ମିଳିଛି।
୫. ପଞ୍ଚାୟତରେ ୭୮୦ଜଣଙ୍କୁ ବୃଦ୍ଧାବୃଦ୍ଧ, ବିକଳାଙ୍ଗ, ବିଧବା ଭତ୍ତା ପ୍ରଦାନ କରାଯାଉଛି।
୬. ପଞ୍ଚାୟତରେ ୧୮ଟି ସ୍ଥାନରେ ଡ୍ରେନ୍ ଓ ରାସ୍ତା ନିର୍ମାଣ ହୋଇଛି।
୭. IHHLରେ ୧୩୫୦ଟି ପାଇଖାନା ନିର୍ମାଣ ହୋଇଅଛି।

ସ୍ୱା./– ନରହରି ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ, ବଞ୍ଚୋ ଗ୍ରା.ପ.
ସ୍ୱା./– ଶ୍ରୀମତୀ ଚମ୍ପାବତି ପୁହାନ, ସରପଞ୍ଚ, ବଞ୍ଚୋ ଗ୍ରା.ପ.

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତିଳେଇବଣି

"ପ୍ରଗତି ପଥେ ତିଳେଇବଣି ବ୍ଲକ୍"

"ଆସ ମିଳିମିଶି କାମ କରିବା, ତିଳେଇବଣି ବ୍ଲକ୍‌କୁ ଆଗେଇ ନେବା"।

ତିଳେଇବଣି ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ତଥା ଦାରିଦ୍ର୍ୟ ଦୂରୀକରଣ ପାଇଁ ଆମେ ସଦାସର୍ବଦା କାର୍ଯ୍ୟରତ।

- ଗ୍ରାମୀଣ ଆବାସ ଯୋଜନା ମାଧ୍ୟମରେ ସମସ୍ତ ଗ୍ରାମୀଣ କଚ୍ଚାଘରକୁ ପକ୍କା କରିବା ଲକ୍ଷ୍ୟରେ ଆମେ ସଦାସର୍ବଦା କାର୍ଯ୍ୟରତ।
- ମନରେଗା ୨୦୧୯-୨୦ ଆର୍ଥିକ ବର୍ଷରେ ଦିଆଯାଇଥିବା ଲକ୍ଷ୍ୟଧାର୍ଯ୍ୟକୁ ଶତ ପ୍ରତିଶତ ପୂରଣ ପାଇଁ ଆମେ ସର୍ବଦା ଚେଷ୍ଟିତ।

ସୁବାଷିନୀ ଦେହୁରୀ, ଅଧ୍ୟକ୍ଷା, ତିଳେଇବଣି ପଞ୍ଚାୟତ ସମିତି, ତିଳେଇବଣି
କୃଷ୍ଣଚନ୍ଦ୍ର ଦଳପତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତିଳେଇବଣି

## 'ଧରିତ୍ରୀ' ପରିବାରକୁ ୪୬ତମ ସ୍ୱନକ୍ଷତ୍ର ଅଭିନନ୍ଦନ

## OFFICE OF THE GRAM PANCHAYAT, SHASANGA

୧. ପଞ୍ଚାୟତରେ ୩୨୦ ଜଣ ଜବ୍‌କାର୍ଡ଼ଧାରୀଙ୍କୁ ଏମ୍‌ଜିଏନଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟ ମିଳିଛି।
୨. ପଞ୍ଚାୟତରେ ୧୦୦୨ ଜଣ ରାଶନକାର୍ଡ଼ଧାରୀଙ୍କୁ ଯୋଗାଣ ସାମଗ୍ରୀ ମିଳୁଛି।
୩. ପଞ୍ଚାୟତରେ ୮ଟି ଗ୍ରାମରେ ଆଲୋକୀକରଣ କରାଯାଇଛି।
୪. ପଞ୍ଚାୟତରେ ୭୧୭ ଜଣଙ୍କୁ ସରକାରୀ ଆବାସ ଯୋଜନାରେ ବାସଗୃହ ମିଳିଛି।
୫. ପଞ୍ଚାୟତରେ ୬୪୮ଜଣଙ୍କୁ ବୃଦ୍ଧାବୃଦ୍ଧ, ବିକଳାଙ୍ଗ, ବିଧବା ଭତ୍ତା ପ୍ରଦାନ କରାଯାଉଛି।
୬. ପଞ୍ଚାୟତରେ ୩୨ଟି ସ୍ଥାନରେ ଡ୍ରେନ୍ ଓ ରାସ୍ତା ନିର୍ମାଣ ହୋଇଛି।

ସ୍ୱା./– କୋଦଣ୍ଡଧର ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ, ଶାସଙ୍ଗ ଗ୍ରା.ପ.
ସ୍ୱା./– ବିମ୍ବାଧର ବିଶ୍ୱାଳ, ସରପଞ୍ଚ, ଶାସଙ୍ଗ ଗ୍ରା.ପ.

## ପୌରପରିଷଦ, ସୁନ୍ଦରଗଡ଼

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିନ ଉପଲକ୍ଷେ ପୌରପରିଷଦ, ସୁନ୍ଦରଗଡ଼ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସଙ୍ଗେ ସଙ୍ଗେ ଆସନ୍ତୁ ସମସ୍ତେ ମିଳିମିଶି ସହରକୁ ସଫା ସୁତୁରା ରଖିବା ସହିତ ସୁନ୍ଦରଗଡ଼ ସହରକୁ ସବୁଜ ସୁନ୍ଦର କରିବା ପାଇଁ ଶପଥ ନେବା।

୧. ଠିକ୍ ସମୟରେ ପୌରପରିଷଦ ଟିକସ ପଇଠ କରନ୍ତୁ।
୨. ନକ୍ସା ଅନୁମୋଦନ କରାଇ ଗୃହ ନିର୍ମାଣ କରନ୍ତୁ।
୩. ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
୪. ରାସ୍ତାର ପାଣିକଳ, ଆଲୋକ, ନଳକୂପଗୁଡ଼ିକର ସୁରକ୍ଷା କରନ୍ତୁ।
୫. ସରକାରୀ ଓ ଜନସାଧାରଣ ଜମିକୁ ଜବର ଦଖଲରୁ ମୁକ୍ତ ରଖନ୍ତୁ।
୬. ବୃକ୍ଷ ରୋପଣ କରି ପରିବେଶକୁ ନିର୍ମଳ ରଖନ୍ତୁ।
୭. ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେ ତେଣେ ବୁଲିବା ପାଇଁ ଛାଡ଼ନ୍ତୁ ନାହିଁ।
୮. ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ।
୯. ପ୍ଲାଷ୍ଟିକର ବ୍ୟବହାର କରନ୍ତୁ ନାହିଁ।
୧୦.ଠିକ୍ ସମୟରେ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କରାଇ ନିଅନ୍ତୁ।
୧୧.ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାନ୍ତୁ ନାହିଁ।

ଶ୍ରୀଯୁକ୍ତ ନିଖିଲ ପବନ କଲ୍ୟାଣ (ଭା.ପ୍ର.ସେ), ଜିଲ୍ଲାପାଳ, ସୁନ୍ଦରଗଡ଼ ତଥା ପ୍ରଶାସକ, ପୌରପରିଷଦ, ସୁନ୍ଦରଗଡ଼
ଶ୍ରୀଯୁକ୍ତ ଅଶୋକ କୁମାର ମିଶ୍ର (ଓ.ଆର୍.ଏସ୍.), ନିର୍ବାହୀ ଅଧିକାରୀ, ପୌରପରିଷଦ, ସୁନ୍ଦରଗଡ଼

## 'ଧରିତ୍ରୀ' ପରିବାରକୁ ୪୬ତମ ସ୍ୱନକ୍ଷତ୍ର ଅଭିନନ୍ଦନ

## OFFICE OF THE GRAM PANCHAYAT, GEDMA

୧. ପଞ୍ଚାୟତରେ ୨୨୦ ଜଣ ଜବକାର୍ଡ଼ଧାରୀଙ୍କୁ ଏମ୍‌ଜିଏନଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟ ମିଳିଛି।
୨. ପଞ୍ଚାୟତରେ ୩୯୫ ଜଣ ରାଶନକାର୍ଡ଼ଧାରୀଙ୍କୁ ଯୋଗାଣ ସାମଗ୍ରୀ ମିଳୁଛି।
୩. ପଞ୍ଚାୟତରେ ୪ଟି ଗ୍ରାମରେ ଆଲୋକୀକରଣ କରାଯାଇଛି।
୪. ପଞ୍ଚାୟତରେ ୨୨୪ ଜଣଙ୍କୁ ସରକାରୀ ଆବାସ ଯୋଜନାରେ ବାସଗୃହ ମିଳିଛି।
୫. ପଞ୍ଚାୟତରେ ୩୦୬ ଜଣଙ୍କୁ ବୃଦ୍ଧାବୃଦ୍ଧ, ବିକଳାଙ୍ଗ, ବିଧବା ଭତ୍ତା ପ୍ରଦାନ କରାଯାଉଛି।
୬. ପଞ୍ଚାୟତରେ ୯ଟି ସ୍ଥାନରେ ଡ୍ରେନ୍ ଓ ରାସ୍ତା ନିର୍ମାଣ ହୋଇଛି।
୭. ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନାରେ ଆଜି ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଅନୁଦାନ ପାଇବାରୁ ବଞ୍ଚିତ ହୋଇନାହାନ୍ତି।

ସ୍ୱା./– ଅମୂଲ୍ୟ କୁମାର ପହି, କାର୍ଯ୍ୟନିର୍ବାହୀ ଅଧିକାରୀ, ଗେଡ଼ମା ଗ୍ରା.ପ.
ସ୍ୱା./– ସରପଞ୍ଚ, ଗେଡ଼ମା ଗ୍ରା.ପ., କେନ୍ଦୁଝର

## 'ଧରିତ୍ରୀ' ପରିବାରକୁ ୪୬ତମ ସ୍ୱନକ୍ଷତ୍ର ଅଭିନନ୍ଦନ

## OFFICE OF THE GRAM PANCHAYAT, SADANG

୧. ପଞ୍ଚାୟତରେ ୩୫୩ ଜଣ ଜବ୍‌କାର୍ଡ଼ଧାରୀଙ୍କୁ ଏମ୍‌ଜିଏନଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟ ମିଳିଛି।
୨. ପଞ୍ଚାୟତରେ ୧୦୬୫ ଜଣ ରାଶନକାର୍ଡ଼ଧାରୀଙ୍କୁ ଯୋଗାଣ ସାମଗ୍ରୀ ମିଳୁଛି।
୩. ପଞ୍ଚାୟତରେ ୬ଟି ଗ୍ରାମରେ ଆଲୋକୀକରଣ କରାଯାଇଛି।
୪. ପଞ୍ଚାୟତରେ ୩୦୬ ଜଣଙ୍କୁ ସରକାରୀ ଆବାସ ଯୋଜନାରେ ବାସଗୃହ ମିଳିଛି।
୫. ପଞ୍ଚାୟତରେ ୫୭୦ ଜଣଙ୍କୁ ବୃଦ୍ଧାବୃଦ୍ଧ, ବିକଳାଙ୍ଗ, ବିଧବା ଭତ୍ତା ପ୍ରଦାନ କରାଯାଉଛି।
୬. ପଞ୍ଚାୟତରେ ୭ଟି ସ୍ଥାନରେ ଡ୍ରେନ୍ ଓ ରାସ୍ତା ନିର୍ମାଣ ହୋଇଛି।
୭. ପଞ୍ଚାୟତରେ ହରିଶ୍ଚନ୍ଦ୍ର ସହାୟତା ଯୋଜନାରେ ଅଦ୍ୟାବଧି ସମସ୍ତ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ କରାଯାଇଛି।

ସ୍ୱା./– ମଧୁସ୍ମିତା ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ, ସଡାଙ୍ଗ ଗ୍ରା.ପ.
ସ୍ୱା./– ସରପଞ୍ଚ, ସଡାଙ୍ଗ ଗ୍ରା.ପ.

## କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ

KNDA ଚୋରଦା, ପୋ- ଫେରୋକ୍ରମ ପ୍ଲାଣ୍ଟ, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର

ନଂ.: ୭୦୨/କେଏନ୍‌ଡିଏ ତାରିଖ: ୧୪।୦୮।୨୦୧୯

**ବିଜ୍ଞାପନ**

ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହିତ ରାଜ୍ୟର ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ନିର୍ମାଣ ହୋଇଥିବା ଅବୈଧ ଗୃହ ଏବଂ ଅନୁମୋଦିତ ଗୃହ ନକ୍ସା ଉଲ୍ଲଂଘନରେ ତିଆରି ହୋଇଥିବା ଗୃହଗୁଡ଼ିକୁ ବୈଧ କରିବା ନିମନ୍ତେ ଓଡ଼ିଶା ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ନଂ. ୨୩୬୭, ତା୧୯।୧୨।୨୦୧୮ ମାଧ୍ୟମରେ ଏକ ଯୋଜନା (Regularisation of Un-authorised Construction through compounding Scheme) ପ୍ରଣୟନ କରାଯାଇଥିଲା ଯାହାର ସମୟ ସୀମାକୁ ଦୁଇଟି ପର୍ଯ୍ୟାୟରେ ପୁନଃ ନିର୍ଦ୍ଧାରଣ କରାଯାଇଥିଲା। ଅଧୁନା ସରକାର ଉକ୍ତ ବିଜ୍ଞପ୍ତିକୁ ସଂଶୋଧିତ କରି ବିଜ୍ଞପ୍ତି ସଂ. ୧୩୯୫୫/ଏଚ୍‌ୟୁଡ଼ି, ତା୬।୮।୨୦୧୯ ମାଧ୍ୟମରେ ଉକ୍ତ ଯୋଜନାର ପୁନଃ ପ୍ରଣୟନ କରିଅଛନ୍ତି। ଏହି ଯୋଜନା କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହି ଯୋଜନାର ଅବଧି ଏହାର ବିଜ୍ଞପ୍ତି ପ୍ରକାଶନର ୬ମାସ ପର୍ଯ୍ୟନ୍ତ ପୁନଃ ନିର୍ଦ୍ଧାରଣ କରାଯାଇଅଛି। ତେଣୁ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ ଅଧୀନସ୍ଥ ସମସ୍ତ ଜନସାଧାରଣ ଏହାର ସୁଯୋଗ ନେଇ ନିଜ ନିଜର ଅବୈଧ ନିର୍ମିତ ଗୃହକୁ ବୈଧ କରାଇ ନିଅନ୍ତୁ। ଅନ୍ୟଥା ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ନିୟମର ଧାରା ୯୧ ଓ ୯୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ସଚିବ
କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ

## ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

**ନିବେଦନ**

୧. ପୌର ସମ୍ପତ୍ତି ଆପଣମାନଙ୍କର ସମ୍ପତ୍ତି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର। ୨. ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ। ୩. ସରକାରୀ ଜମି କିମ୍ବା ରାସ୍ତା ଅବରୋଧ କରି ସର୍ବସାଧାରଣ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ। ଜଳ ନିଷ୍କାସନ ପଥ ଅବରୋଧ କରନ୍ତୁ ନାହିଁ। ୪. କର୍ତ୍ତବ୍ୟରତ ପୌର କର୍ମଚାରୀମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନରେ ସହାୟତା କରନ୍ତୁ। ୫. ସର୍ବସାଧାରଣ ରାସ୍ତାଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ। ୬. ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ନ କରି ପ୍ରଦୂଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ। ୭. ନିୟମିତ କର ଦେଇ ପୌରପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ। ୮. ନିଜ ବାସଗୃହ ପରିସରକୁ ସଫା ରଖି ଡେଙ୍ଗୁ, ମ୍ୟାଲେରିଆ ଓ ଚିକୁନଗୁନିଆ ଇତ୍ୟାଦି ରୋଗପ୍ରତି ସତର୍କ ରୁହନ୍ତୁ। ୯. ପ୍ରତି ବର୍ଷ ଏପ୍ରିଲ ଓ ମେ ମାସରେ ଘର ଟିକସ ପୈଠ କରି ରିହାତିର ସୁଯୋଗ ନିଅନ୍ତୁ। ୧୦. ପୌରାଞ୍ଚଳରେ ଗୃହ ନିର୍ମାଣ କରିବା ପୂର୍ବରୁ ଡ୍ରିଟ୍ ଓ ପୌରସଂସ୍ଥାରୁ ଗୃହ ନକ୍ସାକୁ ଅନୁମୋଦନ କରାଇ ନିଅନ୍ତୁ। ୧୧. ଖୋଲା ସ୍ଥାନରେ ମଳତ୍ୟାଗ ନ କରି ନିଜସ୍ୱ ପାଇଖାନା, ଗୋଷ୍ଠୀ ପାଇଖାନା କିମ୍ବା ସର୍ବସାଧାରଣ ପାଇଖାନା ବ୍ୟବହାର କରନ୍ତୁ। ୧୨. ପୌରସଂସ୍ଥାର ନାଳରେ ଗୃହର ପାଇଖାନା ମଇଳା ପାଣି ନ ଛାଡ଼ି ପୌରପାଳିକାର ସେସ୍‌ପୁଲ ମେସିନ୍ ମାଧ୍ୟମରେ ନିଷ୍କାସିତ କରନ୍ତୁ। ୧୩. ପୌରାଞ୍ଚଳ ମଧ୍ୟରେ ଗୃହ ନିର୍ମାଣ କରିବାପରେ ନିଜର ଗୃହକୁ ପୌର କାର୍ଯ୍ୟାଳୟରେ ମୂଲ୍ୟାଙ୍କନ କରାଇ ହୋଲଡ଼ିଂ ଟ୍ୟାକ୍ସରେ ଅନ୍ତର୍ଭୁକ୍ତ କରାନ୍ତୁ। ୧୪. ପୌରାଞ୍ଚଳ ମଧ୍ୟରେ ଥିବା ସମସ୍ତ ବ୍ୟବସାୟୀ ଓ ବେସରକାରୀ ପ୍ରତିଷ୍ଠାନ ଗୁଡ଼ିକ ସେମାନଙ୍କର ବ୍ୟବସାୟର ଟ୍ରେଡ ଲାଇସେନ୍ସ ପୌର କାର୍ଯ୍ୟାଳୟରେ କରାଇ ନିଅନ୍ତୁ। ୧୫. ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ଯୋଗ୍ୟ ହିତାଧିକାରୀମାନେ ପୌର କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନିଜ ସହଭାଗିତା ରାଶି ସହିତ ଆବାସ ଗୃହ ପାଇବାରେ ସକ୍ଷମ ହୁଅନ୍ତୁ। ୧୬. ରାଜ୍ୟ ସରକାରଙ୍କ ଜାଗା ମିଶନ ଅନ୍ତର୍ଗତ ପୌରାଞ୍ଚଳ ମଧ୍ୟରେ ଥିବା ବସ୍ତି ବାସିନ୍ଦାମାନେ ଯଦି, ସରକାରଙ୍କ ନିୟମ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ମଧ୍ୟରେ ଆସୁଥିବେ, ସେମାନେ ପୌର କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ବସ୍ତି ଅଞ୍ଚଳରେ ଥିବା ନିଜ ଜମିର ଅଧିକାରପ୍ରାପ୍ତ ହୁଅନ୍ତୁ। ୧୭. ରାଜ୍ୟ ସରକାରଙ୍କ କଠିନ ବର୍ଜ୍ୟବସ୍ତୁ ସୁପରିଚାଳନା, ୨୦୧୬ ନିୟମ ଅନୁଯାୟୀ ସମସ୍ତେ ନିଜ ନିଜର ଗୃହରେ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପାଇଁ ପୃଥକ ପୃଥକ ଭାବରେ (ସବୁଜ-ଓଦା ବର୍ଜ୍ୟବସ୍ତୁ ଓ ନୀଳ-ଶୁଖିଲା ବର୍ଜ୍ୟବସ୍ତୁ) ଦୁଇ ଗୋଟି ଡଷ୍ଟବିନ ରଖି ପ୍ରତିଦିନ ନିଜ ନିଜର ଘରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଡଷ୍ଟବିନରେ ରଖି ପୌରସଂସ୍ଥାକୁ ହସ୍ତାନ୍ତର କରନ୍ତୁ ଏବଂ ଏଥି ସହିତ ଢେଙ୍କାନାଳ ସହରକୁ ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢ଼ି ତୋଳିବାରେ ସହଯୋଗ କରନ୍ତୁ।

"ଆସନ୍ତୁ ଢେଙ୍କାନାଳ ସହରକୁ ସବୁଜ ସୁନ୍ଦର କରି ଗଢ଼ି ତୋଳି ଆମ ସହରକୁ ଦୃଢ଼ ପ୍ରଗତିପଥରେ ଆଗେଇନେବା"

ଆପଣଙ୍କ ସେବାରେ ଢେଙ୍କାନାଳ ପୌରପାଳିକା

ଶ୍ରୀଯୁକ୍ତ ଅତନୁ କୁମାର ସାମନ୍ତ, ନିର୍ବାହୀ ଅଧିକାରୀ, ଢେଙ୍କାନାଳ ପୌରପାଳିକା
ଶ୍ରୀଯୁକ୍ତ ଭୂମେଶ ଚନ୍ଦ୍ର ବେହେରା, ଓ.ପ୍ର.ସେ. (ଏସ୍.ଏ.ଜି), ଜିଲ୍ଲାପାଳ, ଢେଙ୍କାନାଳ ତଥା ପ୍ରଶାସକ, ଢେଙ୍କାନାଳ ପୌରପାଳିକା

## ୪୬ତମ ସ୍ୱନକ୍ଷତ୍ର ଅବସରରେ 'ଧରିତ୍ରୀ' ପରିବାରର ସମସ୍ତ କର୍ମକର୍ତ୍ତା ତଥା ପାଠକ/ପାଠିକାଙ୍କୁ ଅଭିନନ୍ଦନ

## OFFICE OF THE GRAM PANCHAYAT, DANAR

୧. ପଞ୍ଚାୟତରେ ୨୩୦ ଜଣ ଜବ୍‌କାର୍ଡ଼ଧାରୀଙ୍କୁ ଏମ୍‌ଜିଏନଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟ ମିଳିଛି।
୨. ପଞ୍ଚାୟତରେ ୧୨୩୦ ଜଣ ରାଶନକାର୍ଡ଼ଧାରୀଙ୍କୁ ଯୋଗାଣ ସାମଗ୍ରୀ ମିଳୁଛି।
୩. ପଞ୍ଚାୟତରେ ୪ଟି ଗ୍ରାମରେ ଆଲୋକୀକରଣ କରାଯାଇଛି।
୪. ପଞ୍ଚାୟତରେ ୨୦୦ ଜଣଙ୍କୁ ସରକାରୀ ଆବାସ ଯୋଜନାରେ ବାସଗୃହ ମିଳିଛି।
୫. ପଞ୍ଚାୟତରେ ୫୧୭ଜଣଙ୍କୁ ବୃଦ୍ଧାବୃଦ୍ଧ, ବିକଳାଙ୍ଗ, ବିଧବା ଭତ୍ତା ପ୍ରଦାନ କରାଯାଉଛି।
୬. ପଞ୍ଚାୟତରେ ୩୦ଟି ସ୍ଥାନରେ ଡ୍ରେନ୍ ଓ ରାସ୍ତା ନିର୍ମାଣ ହୋଇଛି।
୭. IHHLରେ ୫୦୨ଟି ପାଇଖାନା ନିର୍ମାଣ ହୋଇଅଛି।

ସ୍ୱା./– ରମେଶ ଚନ୍ଦ୍ର ମାଇତି, କାର୍ଯ୍ୟନିର୍ବାହୀ ଅଧିକାରୀ, ଡଅଁର ଗ୍ରା.ପ
ସ୍ୱା./– ହିପି ହେମ୍ବ୍ରମ୍, ସରପଞ୍ଚ, ଡଅଁର ଗ୍ରା.ପ..

## ପ୍ରଗତି ପଥେ ଆତ୍ମା, ପୁରୀ...

- ମାଟି ପରୀକ୍ଷା କାର୍ଡ଼ ଅନୁଯାୟୀ ଫସଲରେ ରାସାୟନିକ ସାର ବ୍ୟବହାର କରନ୍ତୁ ଏବଂ ଅଣୁସାର ଅଭାବ ଥିଲେ ବୋରାକ୍ସ କିମ୍ବା ଦସ୍ତା ମାଟି ପରୀକ୍ଷା କାର୍ଡ଼ ଅନୁଯାୟୀ ମାଟିରେ ପ୍ରୟୋଗ କରନ୍ତୁ।
- ମାଟିରେ ଜୈବ ଅଂଶ ବଢ଼ାଇବା ପାଇଁ ଏକର ପ୍ରତି ୫-୬ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ଫସଲ ଚାଷ ପୂର୍ବରୁ ପ୍ରୟୋଗ କରିବା ଦରକାର।
- ଚାଷୀମାନେ ନିଜ ନିଜର ଆଧାରକାର୍ଡ଼ ମାଧ୍ୟମରେ ଅଧିକୃତ ସାର ଡିଲରମାନଙ୍କଠାରୁ 'POS' ଯନ୍ତ୍ର ମାଧ୍ୟମରେ ସାର କ୍ରୟ କରିବା ବାଧ୍ୟତାମୂଳକ। 'POS' ଯନ୍ତ୍ରରୁ ବାହାରୁଥିବା କ୍ରୟ ସମ୍ବନ୍ଧୀୟ ରସିଦ୍ ସାର ବିକ୍ରେତାଙ୍କଠାରୁ ଆଣନ୍ତୁ ଓ ସାର ବସ୍ତା ଉପରେ ଲିଖିତ ସର୍ବାଧିକ ମୂଲ୍ୟଠାରୁ ଅଧିକ ଦିଅନ୍ତୁ ନାହିଁ।
- ସାଧାରଣ ମୂଲ୍ୟଠାରୁ ଯଦି କୌଣସି ସାର ବିକ୍ରେତା ବହୁତ କମ୍ ଦାମରେ ସାର ବିକ୍ରି କରୁଛନ୍ତି ତେବେ ସାର ଅପମିଶ୍ରଣର ସୂଚନା ମିଳିଥାଏ, ତେଣୁ ଏଥିପ୍ରତି ସତର୍କ ରୁହନ୍ତୁ।
- ବିହନ ବୁଣିବା ଆଗରୁ ବିହନ ବିଶୋଧନ ନିମନ୍ତେ ଟ୍ରାଇକୋଡର୍ମା ପାଉଡ଼ର, କାର୍ବେଣ୍ଡାଜିମ୍ କିମ୍ବା ଥିରାମ ବ୍ୟବହାର କରନ୍ତୁ।
- ବିଷାକ୍ତ ଜୀବନାଶକକୁ ସଠିକ୍ ଓ ନିରାପଦ ବ୍ୟବହାର କରନ୍ତୁ। ଜୀବନାଶକ ସିଞ୍ଚନ କରୁଥିବା ବ୍ୟକ୍ତି ଠିକ୍ ପ୍ରଶିକ୍ଷଣ ନେବା ଉଚିତ୍। ଛୋଟପିଲା ଓ ବୃଦ୍ଧ ବ୍ୟକ୍ତିଙ୍କୁ ଜୀବନାଶକ ସିଞ୍ଚନରେ ନିୟୋଜିତ କରନ୍ତୁ ନାହିଁ।
- ନୂଆକରି ଦେଖା ଦେଇଥିବା ଫସଲର ଏକ ବହୁ କ୍ଷତିକାରଣ କୀଟ (ଫଲ୍ ଆର୍ମି ୱାର୍ମ) ପ୍ରତି ସତର୍କ ରୁହନ୍ତୁ। ଏହି କୀଟର ସମନ୍ୱିତ ପରିଚାଳନା ପାଇଁ କ୍ଷେତ୍ର ସନିରୀକ୍ଷଣ ଓ ନିଜର ବୈଷୟିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱ ଦେବା ଅତ୍ୟନ୍ତ ଆବଶ୍ୟକ।
- ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କରନ୍ତୁ ଏବଂ ଫସଲ ହାନିର କ୍ଷତିପୂରଣ ପାଆନ୍ତୁ। ଏହା ବର୍ଷକୁ ୨ ଥର କରାଯାଇଥାଏ। ଖରିଫ୍ ଋତୁର ଶେଷ ତାରିଖ ଜୁଲାଇ ୩୧ ଏବଂ ରବି ଋତୁର ଶେଷ ତାରିଖ ଡିସେମ୍ବର ୩୧। ଖରିଫ୍ ଋତୁରେ ଧାନ ଫସଲ ପାଇଁ ଦେୟ ୨% ଏବଂ ରବିଋତୁରେ ଧାନ, ଆଳୁ, ଚିନାବାଦାମ, ଆଖୁ, ବିରି, ମୁଗ ଫସଲ ପାଇଁ ଦେୟ ୧.୫%।
- ବିଗତ ବର୍ଷ ପରି ବର୍ତ୍ତମାନ ଧାନ ଫସଲରେ ମାଟିଆ ଗୁଣ୍ଡିପୋକ (ଚକଡ଼ା ପୋକ)ର ପ୍ରାଦୁର୍ଭାବ ଦେଖାଦେଇପାରେ। ତେଣୁ ଚାଷୀମାନେ ସର୍ବଦା କ୍ଷେତ୍ର ପରିଦର୍ଶନ କରନ୍ତୁ। ଏବଂ ଉପଯୁକ୍ତ ନିରାକରଣ ପଦ୍ଧତି ଅବଲମ୍ବନ କରନ୍ତୁ।
- ଆଲୋକ ଯନ୍ତା କିମ୍ବା ଫେରୋମନ ଯନ୍ତା ମାଧ୍ୟମରେ ଧାନ ଫସଲକୁ ବିଭିନ୍ନ ପ୍ରକାର ପୋକ ଆକ୍ରମଣରୁ ରକ୍ଷା କରନ୍ତୁ।
- ରିହାତି ଦରରେ ବିଷ ଔଷଧ ବିଭିନ୍ନ ଡିଲରମାନଙ୍କ ପାଖରେ ଉପଲବ୍ଧ ଅଛି। ଚାଷୀଭାଇମାନେ ନିକଟସ୍ଥ ଗ୍ରାମ୍ୟ କୃଷି କର୍ମଚାରୀମାନଙ୍କ ଠାରୁ ପରମିଟ ନେଇ ଡିଲରମାନଙ୍କଠାରୁ ରିହାତି ଦରରେ ଔଷଧ କିଣି ପାରିବେ।
- ସମନ୍ୱିତ ଚାଷ ପ୍ରଣାଳୀ ପାଇଁ ପ୍ରତି ଚାଷୀ ପିଛା ୧ ଲକ୍ଷ ଟଙ୍କାର ରିହାତି ବ୍ୟବସ୍ଥା ରହିଛି।
- ପ୍ରତିବର୍ଷ ୪୦ଜଣ କୃଷି ସାମଗ୍ରୀ ବିକ୍ରେତାମାନଙ୍କୁ ଚାଷ ଏବଂ ରୋଗ ପୋକ ପରିଚାଳନା ବିଷୟରେ ଆତ୍ମା ପ୍ରକଳ୍ପ ମାଧ୍ୟମରେ ତାଲିମ ପ୍ରଦାନ କରାଯାଉଛି।

ସୌଜନ୍ୟ: ପ୍ରକଳ୍ପ ନିର୍ଦ୍ଦେଶକ, କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା), ପୁରୀ

## ପୌର ପରିଷଦ, ବେଲପାହାଡ଼

**ଧରିତ୍ରୀ ସମ୍ବାଦପତ୍ରର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ବେଲପାହାଡ଼ ପୌର ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।**

**ପୌର ପରିଷଦର ପରିକଳ୍ପିତ ଯୋଜନାର କାର୍ଯ୍ୟକାରିତା:-**

୧. ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ।
୨. କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ପ୍ରଗତି ପଥେ।
୩. ଗୁମାଡେରା ବଡ଼ କଟାଁର ପୁନରୁଦ୍ଧାର କାର୍ଯ୍ୟର ସମାପନ।
୪. ପୌରବାସୀଙ୍କୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟାରମ୍ଭ।
୫. ନୂତନ ଶ୍ମଶାନ ଘାଟର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ।
୬. ବର୍ଜ୍ୟବସ୍ତୁ ସୁପରିଚାଳନା ନିମନ୍ତେ ମାଇକ୍ରୋ କମ୍ପୋଷ୍ଟିଙ୍ଗ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ।
୭. ଭେଣ୍ଡିଂ ଜୋନ୍‌ର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ।

**ପୌରବାସୀଙ୍କୁ ନିବେଦନ:**

- ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ନାମଫଳକଗୁଡ଼ିକୁ ଓଡ଼ିଆ ଭାଷାରେ ଲେଖନ୍ତୁ।
- ପୌର ପରିଷଦର ଦେୟ ଯଥା ସମୟରେ ପୈଠ କରନ୍ତୁ।
- ସର୍ବସାଧାରଣ ରାସ୍ତା ଓ ନାଳ ଉପରେ ନିର୍ମାଣ ସାମଗ୍ରୀ ଯଥା: ଇଟା, ବାଲି ରଖି ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ।
- ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେତେଣେ ବୁଲିବାକୁ ଛାଡ଼ନ୍ତୁ ନାହିଁ।
- ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ପୌର ପରିଷଦକୁ ସହଯୋଗ କରନ୍ତୁ।
- ପଲିଥିନ୍‌ର ବ୍ୟବହାର ବର୍ଜନ କରନ୍ତୁ।
- ପୌର ପରିଷଦର ସମ୍ପତ୍ତି ଆପଣଙ୍କ ସମ୍ପତ୍ତି, ଏଣୁ ଏହାର ସୁରକ୍ଷା କରନ୍ତୁ।

ଶ୍ରୀ ଲୋକନାଥ କୁମାର ତିୱାରୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ବେଲପାହାଡ଼
ଶ୍ରୀମତୀ ଅନୁପମା ଭଏଁସା, ଉପାଧ୍ୟକ୍ଷା ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ
ଶ୍ରୀ ପର୍ଶୁରାମ ସାହୁ, ଅଧ୍ୟକ୍ଷ, ପୌର ପରିଷଦ, ବେଲପାହାଡ଼

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ନଭେମ୍ବର ୨୫ /୨୦୧୯ Rayagada, Monday, November 25/ 2019

### ■ ଗଜପତି ମେଗାଲିଫ୍ଟ ସେଚିତ ଅଞ୍ଚଳ ସଂଘ ବୈଠକ

# ଡିସେମ୍ବର ସୁଦ୍ଧା ସରିବ ମେଗା ଜଳସେଚନ ପ୍ରକଳ୍ପ

କାଶୀନଗର, ୨୪।୧୧(ଡି.ଏନ୍.ଏ.)– କାଶୀନଗର ବ୍ଲକ ଖୁରିଗାଁ କମ୍ୟୁନିଟି ହଲ୍‌ରେ ଗଜପତି ମେଗାଲିଫ୍ଟ ସେଚିତ ଅଞ୍ଚଳ ସଂଘ ପକ୍ଷରୁ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ଡକ୍ଟର ତିରୁପତି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥିଭାବେ କାଶୀନଗର ରଇତ ସଂଘ ସଭାପତି ପ୍ରଶାନ୍ତ ମିଶ୍ର, ମେଗା ଇରିଗେଶନ ସହକାରୀ ଯନ୍ତ୍ରୀ ବିଶାଳ କୁମାର ପାତ୍ର, କେ.ମଧୁ, ଆର୍. ଲୋକନାଥମ୍, ରଇତ ସଂଘ ସମ୍ପାଦକ ରଘୁରାମ ସାହୁ ମଞ୍ଚାସୀନ ଥିଲେ। ମେଗା ଜଳସେଚନ ପ୍ରକଳ୍ପକୁ ନେଇ ଲାଗିଥିବା ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ୨୦୧୮ ସେପ୍ଟେମ୍ବରରେ ମୁଖ୍ୟମନ୍ତ୍ରୀ ୨୧୮କୋଟି ଟଙ୍କା ବ୍ୟୟ ଅଟକଳରେ ମେଗା ଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ, କିନ୍ତୁ ତାହା ଏଯାବତ୍ ଶେଷ ହୋଇପାରିନି। ଡିସେମ୍ବର ସୁଦ୍ଧା ଉକ୍ତ ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଯନ୍ତ୍ରୀ ବିଶାଳ ସୂଚନା ଦେଇଛନ୍ତି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ଆଡ୍‌ଭୋକେଟ୍ ଜି. ତିରୁପତି କହିଥିଲେ ଯେ, ମେଗା ପ୍ରୋଜେକ୍ଟ ପକ୍ଷରୁ ୟୁଜର୍ସ ଆସୋସିଏଶନ ଗଠନ କରାଯାଇନାହିଁ । ଏହା ଏକ ତ୍ରୁଟି । ପୁଣି ବର୍ତ୍ତମାନ ସୁଦ୍ଧା କେବଳ ଜଳସେଚିତ ଅଞ୍ଚଳରେ ହିଁ ମେଗା ପ୍ରୋଜେକ୍ଟ କାମ କରିଛି। ଅଣଜଳସେଚିତ ଅଞ୍ଚଳରେ କୌଣସି କାମ ହୋଇନାହିଁ । ନଦୀରେ ପାଣି ଥିବାବେଳେ ପମ୍ପିଙ୍ଗ କରି ଜଳ ଗଚ୍ଛିତ ରଖିବାକୁ ଅଧ୍ୟକ୍ଷ ଡକ୍ଟର ପାଣିଗ୍ରାହୀ ପ୍ରକଳ୍ପ ଅଧିକାରୀଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରତ୍ୟେକ ଗାଁ ଗାଁରେ କମିଟି ଗଠନ କରାଯାଇ ଲୋକଙ୍କ ସମସ୍ୟା ଶୁଣିବା ସହ ସେମାନଙ୍କ ପରାମର୍ଶକ୍ରମେ କାମ କରାଯାଉ ବୋଲି ବୈଠକରେ ଆଲୋଚନା ହୋଇଥିଲା। କାଶୀନଗର ରଇତ ସଂଘ ସଭାପତି ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ଆଡଭୋକେଟ ଜି. ତିରୁପତି, କେ. ମଧୁ, ରଘୁରାମ ସାହୁଙ୍କୁ ନେଇ ଏକ କମିଟି କାଶୀନଗରରେ ଗଠନ କରାଯିବ ବୋଲି ସ୍ଥିର ହୋଇଛି। ଚାଷୀଙ୍କ ସମସ୍ୟାକୁ କମିଟି ବିଭାଗୀୟ ଅଧିକାରୀଙ୍କ ଆଗରେ ଉପସ୍ଥାପନ କରିବ। କିଡିଗାଁର ଚାଷୀ ଚକ୍ରପାଣି କହିଥିଲେ ଯେ, ତାଙ୍କ ପଟ୍ଟା ଜମି ଦଖଲ କରି ପ୍ରକଳ୍ପ କାର୍ଯ୍ୟ ଚାଲିଛି। କିନ୍ତୁ ଏ ପର୍ଯ୍ୟନ୍ତ ମେଗା ପ୍ରକଳ୍ପ ତରଫରୁ ତାଙ୍କୁ କ୍ଷତିପୂରଣ ମିଳିନାହିଁ । ୧୦ଦିନ ଭିତରେ ତାହା ଦିଆଯିବ ବୋଲି ପ୍ରକଳ୍ପ ଅଧିକାରୀମାନେ ଘୋଷଣା କରିଥିଲେ।

# ୧୮ କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟ

ପାରଳାଖେମୁଣ୍ଡି,୨୪।୧୧ (ସ୍ୱ.ପ୍ର.)

ଗଜପତି ଜିଲା ମୋହନା ଥାନା ଅଧୀନ ବଡସିନ୍ଧବା ପଞ୍ଚାୟତ ବାରିଆବନ୍ଧ ଗାଁରେ ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଢାଉରେ ବେଆଇନଭାବେ ଚାଷ କରାଯାଇଥିବା ଗଞ୍ଜେଇ ଗଛ ପୋଡା ଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧୮କୋଟି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଗଜପତି ଜିଲାପାଳ ଅନୁପମ ସାହା, ଏସ୍‌ପି ସାରା ଶର୍ମା, ଅବକାରୀ ଅଧୀକ୍ଷକ ପ୍ରମୋଦ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ଓ ପୋଲିସର ଏକ ଟିମ୍ ଘଟଣାସ୍ଥଳରେ ଚଢାଉ କରିଥିଲେ। ସେଠାରେ ପ୍ରାୟ ୯୧ଏକର ଜମିରେ ଚାଷ କରାଯାଇଥିବା ପ୍ରାୟ ୧ଲକ୍ଷ ୮୨ ହଜାର ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧୮କୋଟି ବୋଲି ମୋହନା ଥାନାଧିକାରୀ ସୁଜିତ କୁମାର ନାୟକ କହିଛନ୍ତି।



ଚାଷ କରାଯାଇଥିବା ଗଞ୍ଜେଇ ଗଛ।

# ୭୨ତମ ଏନ୍‌ସିସି ଦିବସ



ଅତିଥି ପରେଡ଼ ଅଭିବାଦନ ଗ୍ରହଣ କରୁଛନ୍ତି।

ପାରଳାଖେମୁଣ୍ଡି,୨୪।୧୧ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ୭୨ତମ ଏନ୍‌ସିସି ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭରେ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଡ.ଭଜମନ ବେହେରା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସେ ଏନ୍‌ସିସି ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରି ଏନ୍‌ସିସି ଦିବସର ଉଦ୍ଦେଶ୍ୟ ଏବଂ କ୍ୟାଡେଟମାନଙ୍କ କର୍ତ୍ତବ୍ୟ ବିଷୟରେ ବକ୍ତବ୍ୟ ଦେଇଥିଲେ। ଏନ୍‌ସିସି କ୍ୟାଡେଟମାନେ ଛାତ୍ର ଅବସ୍ଥାରେ ଯେଉଁ ଶିକ୍ଷା ପାଇଥାନ୍ତି ତାହା ସେମାନଙ୍କୁ ଭବିଷ୍ୟତରେ ସାମରିକ ବାହିନୀ ଏବଂ ପୋଲିସରେ ସାମିଲ ହେବାକୁ ପ୍ରେରଣା ଦେଇଥାଏ ବୋଲି ସେ କହିଥିଲେ। ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବି.ବୃନ୍ଦାବନ ରାଓ କ୍ୟାଡେଟମାନଙ୍କୁ ଶପଥ ପାଠ କରାଇଥିଲେ। ପରେଡରେ ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଆର୍ମି କ୍ୟାଡେଟ, ପାରଳାଖେମୁଣ୍ଡି ମହିଳା ମହାବିଦ୍ୟାଳୟର ଆର୍ମି କ୍ୟାଡେଟ, ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ଉଭୟ ନାଭାଲ ଓ ଆର୍ମି କ୍ୟାଡେଟ ସାମିଲ ହୋଇଥିଲେ। ଅଜିତ ଶବର ପରେଡର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମକୁ ଏନ୍‌ସିସି ଅଧିକାରୀ ହରିହର ଦାସ, ଜଗନ୍ନାଥ ପଟ୍ଟନାୟକ, ସୁକାନ୍ତ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିବାବେଳେ ଅନ୍ୟ ଶିକ୍ଷକ ଓ କର୍ମକର୍ତ୍ତା ଉପସ୍ଥିତଥିଲେ।

# ସହରାଞ୍ଚଳ ସମବାୟ ବ୍ୟାଙ୍କ ଲିଃର ସାଧାରଣ ବୈଠକ

ପାରଳାଖେମୁଣ୍ଡି,୨୪।୧୧(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ସହରାଞ୍ଚଳ ସମବାୟ ବ୍ୟାଙ୍କ ଲିଃର ଏକ ସାଧାରଣ ବୈଠକ ରାଜନହର ସମ୍ମୁଖସ୍ଥ ଅର୍ବାନ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ସମ୍ପାଦକ ଅଶୋକ ନାୟକ ସମବାୟ ବ୍ୟାଙ୍କର ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିସହ ଆସନ୍ତା ବର୍ଷ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ବ୍ୟାଙ୍କର ପ୍ରକୃତ ଆୟ ବ୍ୟୟ ଏବଂ ଋଣ ପ୍ରଦାନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଆର୍ଥିକ ବିନିଯୋଗ, ସୁନା ଋଣ ପ୍ରଦାନ ଏବଂ ସାଇବର ସୁରକ୍ଷା ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି ହୋଇଥିବା ବିଭିନ୍ନ ସର୍କୁଲାରକୁ କିପରି ଭାବେ ବ୍ୟାଙ୍କ ପାଳନ କରିବ ସେ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସଭାପତି ପ୍ରଦୀପ କୁମାର ନାୟକ, ଉପସଭାପତି ଏନ୍.ଲକ୍ଷ୍ମୀ, ନିର୍ଦ୍ଦେଶକ ଅଭିମନ୍ୟୁ ପଣ୍ଡା, ନରେଶ ମହାରଣା, ଟି.ବସନ୍ତକୁମାର, ଜମିଦାର ପଟ୍ଟନାୟକ, ରବିରାଜ, ବି.ଦଣ୍ଡାସୀ, ଶ୍ରୀଦେବୀ ବକ୍ସି, ଏ.ଶଙ୍କର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାରେ ଜଳସେଚନ ନେଇ ବିଧାନସଭାରେ ପ୍ରଶ୍ନ ରଖିଲେ ବିଧାୟକ

ପାରଳାଖେମୁଣ୍ଡି,୨୪।୧୧ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ବିଧାନ ସଭା ଶୀତକାଳିନ ଅଧିବେଶନରେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ଜଳସେଚନ ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି ସେ ନେଇ ପ୍ରଶ୍ନ କରିଛନ୍ତି। ଜଳସମ୍ପଦ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ କହିଥିଲେ ଯେ, ଗଜପତି ଜିଲା କାଶୀନଗରରେ ୪ଟି ମେଗା ଲିଫ୍ଟ ପଏଣ୍ଟ ମଧ୍ୟରୁ ବଥବା ଓ ସାରା ଅଞ୍ଚଳର ବଂଶଧାରା ନଦୀ ଅବବାହିକାରେ ତିଆରି ହୋଇଥିବା ମେଗା ଲିଫ୍ଟ ପଏଣ୍ଟ କାମ ୨୦୧୮ରେ ଶେଷ ହୋଇଛି। କିଡିଗାଁ–୧ ଓ କିଡିଗାଁ–୨ରେ ଅନ୍ୟ ଦୁଇଟି ପ୍ରକଳ୍ପ କାମ ଚାଲିଛି। ତାହା ଜଲ୍‌ଦି ଶେଷ ହୋଇଯିବ। ରାୟଗଡ ବ୍ଲକ ଡମ୍ବାପୁର ପ୍ରକଳ୍ପ କାମକୁ ଦୀର୍ଘ ୧୧ବର୍ଷ ବିତି ଯାଇଥିଲେ ସୁଦ୍ଧା ଏହି କାମ ସରିନି ଓ ଏବେ ତାହା ବନ୍ଦ ରହିଛି। ଏହାର କାରଣ କ'ଣ ବୋଲି ବିଧାୟକ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଜମି ଅଧିଗ୍ରହଣରେ ବିଳମ୍ବ ହେତୁ ଡମ୍ବାପୁର ପ୍ରକଳ୍ପ କାର୍ଯ୍ୟ ବନ୍ଦ ରହିଛି। ଏହି ପ୍ରକଳ୍ପ ୨୦୨୨ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ ଉତ୍ତର ରଖିଥିଲେ।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

କାଲିମେଳା,୨୪।୧୧(ଡି.ଏନ.ଏ)

କାଲିମେଳା ବ୍ଲକ ମୋଟୁ ଥାନା ଅନ୍ତର୍ଗତ ଏମପିଭି–୫୫ ଗ୍ରାମରେ ଜଣେ ନାବାଳିକା(୧୬)ଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ନେଇ ମୋଟୁ ଥାନାରେ ଅଭିଯୋଗ ହୋଇଛି। ଏମପିଭି–୫୫ ଗ୍ରାମର ଅଜୟ ଫୌଜଦାର(୨୬)ଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ଗତ ୨୨ରେ ସମ୍ପୃକ୍ତ ନାବାଳିକାଙ୍କ ମାଆ ବାପା ଭଦ୍ରାଚଳମ ମେଡିକାଲକୁ ଯାଇଥିଲେ । ସେଠାରେ କାର୍ଯ୍ୟ ନ ସରିବାରୁ ରାତିରେ ଘରକୁ ଫେରିପାରି ନ ଥିଲେ। ଘରେ ନାବାଳିକା ଓ ତାଙ୍କ ଛୋଟ ଭାଇ ଥିଲେ । ଏହାର ସୁଯୋଗ ନେଇ ଅଜୟ ନାବାଳିକାଙ୍କ ଘରେ ପହଞ୍ଚି ତାଙ୍କୁ ବାଳାତ୍କାର ଉଦ୍ୟମ କରିଥିଲେ। ସେତେବେଳେ ଅନ୍ୟଜଣେ ବ୍ୟକ୍ତି ପହଞ୍ଚିଯିବାରୁ ଅଜୟ ସେଠାରୁ ପଳାଇଥିଲେ ।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ନାଟକ 'ପ୍ରେମ ପାଠଶାଳା' ମଞ୍ଚସ୍ଥ

ସୁନାବେଡ଼ା,୨୪।୧୧(ଡି.ଏନ୍.ଏ.): ସୁନାବେଡ଼ାସ୍ଥିତ ହାଲ୍ ଭଞ୍ଜ ମଣ୍ଡପରେ କ୍ୱାଲିଟି ମଛ ପାଳନ ଅବସରରେ ଗୁଣବତ୍ତା ବିଭାଗ ପକ୍ଷରୁ ନାଟକ 'ପ୍ରେମ ପାଠଶାଳା' ମଞ୍ଚସ୍ଥ ହୋଇଛି। ଏଥିରେ ଦୀପକ ଦାଶ ନିର୍ଦ୍ଦେଶନା ଦେଇଥିବା ବେଳେ ରଚନାରେ ଦୀପକ ରାଉତ, କ୍ରାଫ୍ଟରେ ଏମ୍.ଜି. ରାଜୁ ଓ ମେକଅପ୍‌ରେ ହଟକେଶ୍ୱର ସେଠୀ ଥିଲେ। ଅଭିନୟରେ ରଞ୍ଜି ସ୍ୱାଇଁ, ମାନସ ଦାଶ, ସମୀର ରାଉତ, ଦେବହରି ସାହୁ, ଦେବବ୍ରତ ଜେନା, ସସ୍ମିତା ଦାଶ, ଦୀପକ ରାଉତ ଓ ଦୀପକ ଦାଶ ବିଭିନ୍ନ ଭୂମିକା ତୁଲାଇଥିଲେ। ଏମାନେ ସମସ୍ତେ ହାଲ୍ କର୍ମଚାରୀ ଅଟନ୍ତି।

### ଏନ୍‌ସିସି ଦିବସ ପାଳିତ

ଦାମନଯୋଡ଼ି,୨୪।୧୧(ଡି.ଏନ୍.ଏ.): ନାଲ୍‌କୋ ଟାଉନଶିପସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ଓ ଦିଲ୍ଲୀ ପବ୍ଲିକ ସ୍କୁଲରେ ୭୧ତମ ଏନ୍‌ସିସି ଦିବସ ପାଳିତ ହୋଇଛି। ସରସ୍ୱତୀ ବିଦ୍ୟାମନ୍ଦିର ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ଏନ୍‌ସିସି ପତାକା ଉତ୍ତୋଳନ ସହ ଅଭିବାଦନ ଗ୍ରହଣ କରିଥିଲେ। ସାମୂହିକ ସେବା କ୍ଷେତ୍ରରେ ଏନ୍‌ସିସିର ସ୍ୱତନ୍ତ୍ର ପରିଚୟ ରହିଛି ଓ କ୍ୟାଡେଟଙ୍କ ମଧରେ ଶୃଙ୍ଖଳା, ରାଷ୍ଟ୍ରପ୍ରେମ, ପ୍ରତିବଦ୍ଧତା ଓ ନେତୃତ୍ୱ ନେବାର ଦକ୍ଷତା ଗୁଣାବଳୀ ଥିବା ଅଧକ୍ଷ ବାହିନୀପତି କହିଥିଲେ। ପରେ କ୍ୟାଡେଟଙ୍କ ଦ୍ୱାରା କ୍ୟାନ୍ସର ସଚେତନତା ରାଲି ହୋଇଥିଲା। ବିଦ୍ୟାମନ୍ଦିରର ଏନ୍‌ସିସି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ଦିଲ୍ଲୀ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ଏନ୍‌ସିସି ଦିବସ କାର୍ଯ୍ୟକ୍ରମରେ ୫୦ ଜଣ କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ। ଏନ୍‌ସିସି ପତାକା ଉତ୍ତୋଳନ ସହ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା। କ୍ୟାଡେଟ୍‌ମାନେ ସାଇକେଲ ରାଲିରେ ଯାଇ ଟାଉନଶିପସ୍ଥିତ ଡାଇନୋସର ପାର୍କରେ ସଫେଇ କରିଥିଲେ। ଡିପିଏସ୍ ଅଧକ୍ଷା ଦୀପାନ୍ୱିତା ଦାସଙ୍କ ତତ୍ତ୍ୱାବଧାନରେ ତଥା ଏନ୍‌ସିସିର ସେକେଣ୍ଡ ଅଫିସର ଅନୀଲ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା।

### ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ



ଚାନ୍ଦିଲି(କୋଟପାଡ଼),୨୪।୧୧ (ଡି.ଏନ୍.ଏ.): କୋଟପାଡ଼ସ୍ଥିତ ଗୋପବନ୍ଧୁ ପାଠାଗାରରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୦ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଛି। ପାଠାଗାର ସଭାପତି ଗଣେଶ ଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଅବସରପ୍ରାପ୍ତ ପ୍ରାଧାପକ ଡ. ସତ୍ୟ ପ୍ରସାଦ ଦାସ, ଓକିଲ ସଂଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ ଲକ୍ଷ୍ମଣ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ଅବସରରେ କୋଟପାଡ଼ ସାହିତ୍ୟ ଘର ଆବାହକ ପଙ୍କଜ ପାତ୍ର, ଲୋକକବି ରଞ୍ଜନ ମହୁରିଆ, ବିଜୟ ଷଡ଼ଙ୍ଗୀ, ସାମ୍ୟାମୂର୍ତ୍ତି ଆଚାରି ଶହୀଦଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଯୁବପିଢ଼ି ଏଥିରେ ଉଦ୍‌ବୁଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପାଠାଗାର ଉପସଭାପତି ଅଜିତ ପାତ୍ର, ସମ୍ପାଦକ ଦେବୀ ପ୍ରସାଦ ପଣ୍ଡା, କୋଷାଧକ୍ଷ ବାବୁଲି ନାୟକ, ସୀତାନାଥ ବିଶ୍ୱାଳ, ଗୋପୀନାଥ ବିଶୋଇ, ଚନ୍ଦ୍ରଶେଖର ଦାସ, ସାହିତ୍ୟ ଘର ସଦସ୍ୟ ସଂଯୁକ୍ତା ମହାପାତ୍ର, କିଶୋର ମିଶ୍ର, ସଞ୍ଜୟ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଓ ବିଧାୟକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପାଠାଗାର ଉପଦେଷ୍ଟା ରାଜେନ୍ଦ୍ର ପ୍ରସାଦ ନାୟକ ଧନ୍ୟବାଦ ଦେଇଥିଲେ।

# ନିର୍ବାଚନୀ ମଇଦାନରେ ଜମୁଛି ପ୍ରଚାର

ପଟ୍ଟାଙ୍ଗି,୨୪।୧୧(ଡି.ଏନ୍.ଏ.)

ପଟ୍ଟାଙ୍ଗିର ୧ ନଂ ଜୋନରେ ଜିଲା ପରିଷଦ ସଭ୍ୟ ପାଇଁ ହେବାକୁ ଥିବା ଉପନିର୍ବାଚନରେ ତ୍ରିମୁଖୀ ପ୍ରଚାର ଚାଲିଛି। ବିଜେଡି ଓ କଂଗ୍ରେସ ଉକ୍ତ ଆସନ ହାତେଇବା ପାଇଁ ମୁହାଁମୁହିଁ ହୋଇଛନ୍ତି। ବିଜେଡି ସମ୍ବାଇ ପଞ୍ଚାୟତ ମଣ୍ଡଳଗୁଡ଼ା ବାସିନ୍ଦା ତଥା କଂଗ୍ରେସ ଜୋନ-୨ ସଭାପତି ଶୁକ୍ରା ଖରାଙ୍କ ଭାଇ ଲଇଚନ ଖରାଙ୍କୁ ମଇଦାନକୁ ଓହ୍ଲାଇଛି। ତାଙ୍କର ବିଜୟ ପାଇଁ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ରଘୁରାମ ପଡାଲ, କୋଟପାଡ଼ ବିଧାୟକ ତଥା ମନ୍ତ୍ରୀ ପଦ୍ମିନୀ ଦିଆନ, ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗିଙ୍କ ଭଳି ତୁଙ୍ଗନେତା ପ୍ରଚାରରେ ସାମିଲ ହୋଇଛନ୍ତି। ଉକ୍ତ ଜୋନ ଅଧୀନରେ ଥିବା କୋଟିଆ, ମାଳିପୁଟ, ନୂଆଗାଁ, ପଟ୍ଟାଙ୍ଗି, ଦେଓପଟ୍ଟାଙ୍ଗି, ଗାଙ୍ଗରାଜପୁର ଓ ପୁକାଳି ପଞ୍ଚାୟତକୁ ଘନଘନ ଗସ୍ତ କରି ଭୋଟରଙ୍କ ନିକଟରେ ପହଞ୍ଚୁଛନ୍ତି ବିଜେଡି ନେତା। ସାପ୍ତାହିକ ପୁକାଳି ହାଟରେ ମଧ ଭୋଟରଙ୍କୁ ନିଜ ପତିଆରା ଦେଖାଇଛି ଦଳ। ପ୍ରଚାର ପାଇଁ ସୋମବାର ଶେଷ ଦିନ ଥିବାବେଳେ କଂଗ୍ରେସ ମଧ ପୁକାଳିର ପୂର୍ବତନ ସରପଞ୍ଚ ତ୍ରିପତି ସାରାଙ୍କୁ ପ୍ରାର୍ଥୀ କରି ପ୍ରଚାର ଚଳାଇଛି। ତାଙ୍କ ପାଇଁ କଂଗ୍ରେସ ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଏମ୍‌ପି ସପ୍ତଗିରି ଉଲାକା, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ନୃସିଂହନାଥ ବେହେରା, ପିସିସି ସମ୍ପାଦକ ଦୁର୍ଗାଶଙ୍କର ସାହୁ, ଶୁକ୍ରା ଖରା, ଗୋବିନ୍ଦ ଖରା, ପୂର୍ବତନ ସରପଞ୍ଚ ତ୍ରିନାଥ ପାଙ୍ଗି, ପୂର୍ବତନ ବ୍ଲକ ଅଧକ୍ଷ ବିମଳା ପାଙ୍ଗି, ସମ୍ବାଇ ସରପଞ୍ଚ ପିଲକ ଗୁଣ୍ଟା ପ୍ରଚାର ଅଭିଯାନରେ ଲାଗିଛନ୍ତି। ଦଳୀୟ ନେତାମାନେ ବ୍ଲକର ସାକିରାଇ, ଗାଙ୍ଗରାଜପୁର, ବଦଲିଗୁଡ଼ା ଓ ଦେଓପଟ୍ଟାଙ୍ଗିରେ ପହଞ୍ଚି ଭୋଟ୍ ଭିକ୍ଷା କରୁଛନ୍ତି। ସେହିପରି ଭାଜପା କୋଟିଆ ପଞ୍ଚାୟତର ରାଜେଶ ହନ୍ତାଳଙ୍କୁ ପ୍ରାର୍ଥୀ କରିଛି। ତାଙ୍କ ପାଇଁ ପଞ୍ଚାୟତ ସମିତି ଅଧକ୍ଷ ଜଗତଜ୍ୟୋତି ପାଙ୍ଗି, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି, ବଳରାମ ଚପାଡି, ରଞ୍ଜିତ ପାଣିଗ୍ରାହୀ ଓ ବଳରାମ ବାରିକ ଭୋଟରଙ୍କ ପାଖରେ ପହଞ୍ଚୁଛନ୍ତି।



କଂଗ୍ରେସ ପ୍ରଚାରରେ ଏମ୍‌ପି ସପ୍ତଗିରି ଉଲ୍ଲାକା।



ବିଜେଡି ପ୍ରଚାରରେ ମନ୍ତ୍ରୀ ପଦ୍ମିନୀ ଦିଆନ ଓ ୨ ଜଣ ବିଧାୟକ।

**ଜିଲା ପରିଷଦ ଉପନିର୍ବାଚନ**
- ଆଜି ପ୍ରଚାର ଅଭିଯାନର ଶେଷଦିନ
- ପ୍ରଚାର ଜୋରଦାର କରିଛନ୍ତି ବିଜେଡି, କଂଗ୍ରେସ
- ଗାଁକୁ ଘନଘନ ଗସ୍ତ କରୁଛନ୍ତି ୩ ଦଳ

## ■ ମରଣାନ୍ତକ ଆକ୍ରମଣର ଶିକାର ବ୍ୟକ୍ତିଙ୍କ ମୃତ୍ୟୁ
# ହତ୍ୟା ଅଭିଯୋଗ ଆଣିଲେ ପରିବାର

ବୋରିଗୁମ୍ମା,୨୪।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ଦଣ୍ଡସେନାଗୁଡ଼ା ଛକ ନିକଟରେ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଜଣେ ବ୍ୟକ୍ତିଙ୍କ ରବିବାର ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣକ ଡାଙ୍ଗରା ଗ୍ରାମର ଗୁପ୍ତ ଗୁଣ୍ଟା। ପୋଲିସ ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟାରେ ଗୁପ୍ତ ବାଇକ୍ (ଓଡି୧୦ ଏନ୍ ୩୭୮୬) ଯୋଗେ ଜୟପୁରରୁ ନିଜ ଗ୍ରାମ ଡାଙ୍ଗରାକୁ ଫେରୁଥିଲେ। ଦଣ୍ଡସେନାଗୁଡ଼ା କେନାଲ ଛକ ନିକଟରେ କେତେକ ବ୍ୟକ୍ତି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଗୁପ୍ତ ବାଇକ୍ ଛାଡ଼ିଦେଇ ଦୌଡ଼ି ପଳାଇଥିଲେ। ତାଙ୍କ ପାଟି ଶୁଣି କେତେକ ଲୋକ ସେଠାରେ ପହଞ୍ଚି ଅଚେତ୍ ଅବସ୍ଥାରେ ଗୁପ୍ତଙ୍କୁ ଉଦ୍ଧାର କରି ରାବଣାଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ତାଙ୍କ ବାଇକ୍, କାଗଜପତ୍ର ଓ ଟଙ୍କା ନ ଥିଲା। ଏହାକୁ କେନ୍ଦ୍ରକରି ସାନଭାଇ ମୁରଲି ଗୁଣ୍ଟା ଗୁପ୍ତଙ୍କୁ ହତ୍ୟା କରାଯାଇଥିବା ସନ୍ଦେହରେ ଥାନାରେ ଏତଲା ଦେଇଛନ୍ତି। ବୋରିଗୁମ୍ମା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ଦେଇଛି। ଅନ୍ୟପଟେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ସଞ୍ଜୟ ମଣ୍ଡଳ ପ୍ରକାଶ କରିଛନ୍ତି।

## ■ କରାଟେ କଲରବେଲ୍ଟ ପ୍ରମୋଶନ ଟେଷ୍ଟ
# ୨୩ କୃତୀ ଛାତ୍ରୀଛାତ୍ର ପୁରସ୍କୃତ



କରାଟେ କଲର ବେଲ୍ଟ ଟେଷ୍ଟର କୃତୀ ଛାତ୍ରୀଛାତ୍ର।

କୋରାପୁଟ,୨୪।୧୧(ସ୍ୱ.ପ୍ର.)

କୋରାପୁଟରେ ରବିବାର କରାଟେ କଲର ବେଲ୍ଟ ପ୍ରମୋଶନ ଟେଷ୍ଟ ଅନୁଷ୍ଠିତ ହୋଇଛି। ଏଥିରେ କୃତିତ୍ୱ ହାସଲ କରିଥିବା ୨୩ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। କୋରାପୁଟ ମହାବୀର ଏକାଡେମୀ ଦ୍ୱାରା ସ୍ଥାନୀୟ ପୋଲିସ ଲାଇନ ରାମ ମନ୍ଦିର ପରିସରରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ରାଜ କିଶୋର ଜେନା ଯୋଗଦେଇ ୟେଲୋବେଲ୍ଟରେ କୃତିତ୍ୱ ହାସଲ କରିଥିବା ୧୫ ଜଣ, ଅରେଞ୍ଜ ବେଲ୍ଟରେ ୬ ଜଣ ଓ ଗ୍ରୀନ ବେଲ୍ଟରେ ସଫଳ ହୋଇଥିବା ୨ ଜଣ, ଏହିପରି ମୋଟ ୨୩ ଜଣଙ୍କୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗ୍ରାଣ୍ଡମାଷ୍ଟର ଶିହାନ କୃଷ୍ଣା, ସମ୍ମାନିତ ଅତିଥି ଭାବେ ରମେଶ ଦାସ, ମହେନ୍ଦ୍ର ବାଘ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ କରାଟେର ବିଭିନ୍ନ କୌଶଳ ଉପରେ ତାଲିମ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶରତ ଦଳାଇ, ରଞ୍ଜିତ ପାଣି, ପ୍ରକାଶ ଖୋସ୍‌ଲା ପରିଚାଳନା କରିଥିଲେ।

# ରାୟଗଡ଼ା ଡାକ ବିଭାଗକୁ ହରାଇ କୋରାପୁଟ ବିଜୟୀ

ଜୟପୁର,୨୪।୧୧(ଡି.ଏନ୍.ଏ.)

ଜୟପୁରସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ କୋରାପୁଟ ଓ ରାୟଗଡା ଡାକ ବିଭାଗ ମଧରେ ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ଡିଭିଜନ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୮ ଓଭରରେ ୫ ୱିକେଟ ହରାଇ ୧୭୨ ରନ କରିଥିଲା ଦଳ। କାର୍ତ୍ତିକ ୫୫ ବଲ୍‌ରେ ୧୧୧ ରନ୍ କରିଥିଲେ। ଜବାବରେ ରାୟଗଡ଼ା ଦଳ ୧୭ ଓଭର ୨ଟି ବଲରେ ମାତ୍ର ୧୨୭ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଜଗା ୩୨ଟି ବଲରେ ୪୯ ରନ କରିଥିଲେ। ବିପକ୍ଷ ଦଳର କାର୍ତ୍ତିକ ୨୬ ରନ ଦେଇ ୪ଟି ୱିକେଟ ଅକ୍ତିଆର କରିବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଅମ୍ପାୟାର ଭାବେ ଅମିୟ ଓ ପ୍ରତାପ ଖେଳ ପରିଚାଳନା କରିଥିଲେ।



ପୋଷ୍ଟାଲ କ୍ରିକେଟ୍ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି ଓ ପରିଚାଳନା କମିଟି ସଦସ୍ୟମାନେ।

## ମାଥାଲପୁଟରେ 'ମୋ ସରକାର' ବୈଠକ

ଦାମନଯୋଡ଼ି,୨୪।୧୧(ଡି.ଏନ୍.ଏ.)

କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ମୋ' ସରକାର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୫-ଟିର କାର୍ଯ୍ୟକାରିତା ଓ ସଫଳ ରୂପାୟନ, ସୁବିଧା ଅସୁବିଧା ନେଇ ଆଲୋଚନା ହୋଇଥିଲା। ଜନସାଧାରଣ ଯେଭଳି ପ୍ରଶାସନର ବିଭିନ୍ନ ବିଭାଗରୁ ଉଚିତ୍ ସେବା ପାଇପାରିବେ, ସେନେଇ ଅଧିକାରୀମାନେ ବିଭିନ୍ନ ପଦକ୍ଷେପ ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ବୈଠକରେ କୋରାପୁଟ ତହସିଲଦାର ନେହେରୁ ମାଝି, ବିଡିଓ ନରେନ୍ଦ୍ର ନାୟକ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୋହନ ନାୟକ, ବିପିଏମ୍ ନୂତନ ସିଂ, ଦାମନଯୋଡ଼ି ଥାନା ଏଏସ୍‌ଆଇ ଶିବପ୍ରସାଦ ମହାନ୍ତି, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମର ସୁପରଭାଇଜର ତୁଳାବତୀ ମାଛ ଯୋଗ ଦେଇଥିଲେ।

## ମିଲ୍ ମାଲିକ ସଂଘ ଗଠିତ

ଜୟପୁର,୨୪।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା ଚାଉଳ ମିଲ ମାଲିକ ସଂଘର ନୂତନ କମିଟି ରବିବାର ଗଠିତ ହୋଇଛି। ଅନୁଷ୍ଠିତ ବୈଠକରେ ସଭାପତି ଭାବେ ରାମନାଥ ପାଣିଗ୍ରାହୀ, ସାଧାରଣ ସଂପାଦକ ନରେନ୍ଦ୍ର ସ୍ୱାଇଁ, ଉପସଭାପତି ମିଟୁ ପାଣିଗ୍ରାହୀ, ପି. ଦିଲୀପ, ଜଗଦିଶ ପାଣିଗ୍ରାହୀ, ସହ ସଂପାଦକ ପି. ରମେଶ, କୋଷାଧକ୍ଷ ପି. ରାବଣାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨ ମାସ ତଳେ ପୂର୍ବତନ ଜିଲା ଚାଉଳ ମିଲ ମାଲିକ ସଂଘର କମିଟିକୁ ଭଙ୍ଗାଯାଇଥିଲା।

## ନାଲ୍‌କୋ ପ୍ରବନ୍ଧକ ଶ୍ରେଷ୍ଠ ପରିବେଶବିତ୍

ଦାମନଯୋଡ଼ି,୨୪।୧୧(ଡି.ଏନ୍.ଏ.)

ନାଲ୍‌କୋ ପ୍ରକଳ୍ପର ପରିବେଶ ଓ ସୁରକ୍ଷା ବିଭାଗର ପ୍ରବନ୍ଧକ ଥିବା ଡ. ପ୍ରଦୀପ ପାଟ୍ଟଯୋଶୀଙ୍କୁ ଜାତୀୟସ୍ତରୀୟ ପରିବେଶବିତ୍ ପୁରସ୍କାର ମିଳିବ। ନୂଆଦିଲ୍ଲୀର ଜାତୀୟ ପରିବେଶ ବିଜ୍ଞାନ ଏକାଡେମୀ ପକ୍ଷରୁ ତାଙ୍କୁ ବର୍ଷର ଶ୍ରେଷ୍ଠ ପରିବେଶବିତ୍ ମନୋନୀତ କରାଯାଇଛି।

# ରାୟଗଡ଼ାରେ ମେଡ଼ିକାଲ କଲେଜ ନେଇ ଦାବିପତ୍ର

ରାୟଗଡ଼ା ଅଫିସ,୨୪।୧୧

ରାୟଗଡ଼ାଠାରେ ମେଡ଼ିକାଲ କଲେଜର ସ୍ଥାପନ ନିମନ୍ତେ ଜାତୀୟ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କେନ୍ଦ୍ର ସ୍ୱାସ୍ଥ୍ୟ ଓ କଲ୍ୟାଣ ମନ୍ତ୍ରୀ ଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ପୂର୍ବରୁ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ହର୍ଷବର୍ଦ୍ଧନଙ୍କୁ ଭେଟି ରାୟଗଡ଼ାଠାରେ ମେଡ଼ିକାଲ କଲେଜ ସ୍ଥାପନ କରିବାକୁ ସହଯୋଗ ଦାବି କରି ଏକ ପତ୍ର ପ୍ରଦାନ କରିଥିଲେ । ରାୟଗଡ଼ା ଜିଲା ଏକ ଆଦିବାସୀ ବହୁଳ ଅଞ୍ଚଳ । ଏଠାରେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିବା ବେଳେ ଉତ୍ତମ ଚିକିତ୍ସାର ଘୋର ଅଭାବ ରହିଛି । ଏହାକୁ ଦୃଷ୍ଟିରେ ରଖି ୨୦୧୪ରେ ରାଜ୍ୟ ସରକାର ରାୟଗଡ଼ାଠାରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ମେଡ଼ିକାଲ କଲେଜ ଓ ୫୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ କରିବାକୁ ଘୋଷଣା କରିଥିଲେ । ୨୦୧୪ ମେ ୨୨ରେ ଭି ଏଚଏଫ ଯୋଜନା ଅନୁସାରେ ପିପି ମଡ଼େଲରେ ମେଡ଼ିକାଲ କଲେଜ ପ୍ରକଳ୍ପକୁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ତରଫରୁ ମଞ୍ଜୁର ପ୍ରଦାନ କରିଥିଲେ। କିନ୍ତୁ ଦୁଃଖର ବିଷୟ ଏହି ପ୍ରକଳ୍ପର କୌଣସି ଅଗ୍ରଗତି ହୋଇପାରି ନାହିଁ । ଅର୍ଥନୈତିକ ବିଭାଗର କ୍ୟାବିନେଟ କମିଟି ତରଫରୁ ୨୦୨୧-୨୨ ରେ ୭୫ଟି ଜିଲାରେ ସରକାରୀ ମେଡ଼ିକାଲ କଲେଜ ସ୍ଥାପନ ନିମନ୍ତେ ମଞ୍ଜୁର କରାଯାଇଛି । ଚିକିତ୍ସା ସୁବିଧା ଦୃଷ୍ଟିରୁ ଅବହେଳିତ ଓ ଚିକିତ୍ସାର ଆବଶ୍ୟକତା ଥିବା ଜିଲାଗୁଡ଼ିକୁ ଦେଶରେ ଚିହ୍ନଟ କରାଯାଇ ମେଡ଼ିକାଲ କଲେଜଗୁଡ଼ିକ ସ୍ଥାପନ କରାଯିବ ବୋଲି ଜଣାପଡ଼ିଛି । ରାୟଗଡ଼ା ଜିଲାରେ ଉତ୍ତମ ଚିକିତ୍ସାର ଅଭାବ ରହିବା ଯୋଗୁ ଏଠାରେ ମେଡ଼ିକାଲ କଲେଜ ସ୍ଥାପନର ଆବଶ୍ୟକତା ରହିଛି ବୋଲି ଏମ୍‌ପି ଉଲାକା ପ୍ରକାଶ କରିଛନ୍ତି । ରାୟଗଡ଼ାବାସୀଙ୍କ ଦୀର୍ଘଦିନର ଦାବିକୁ ଗ୍ରହଣ କରିବାକୁ ଏମ୍‌ପି ଉଲାକା ଓ ଜାତୀୟ କଂଗ୍ରେସ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି ।



କେନ୍ଦ୍ରମନ୍ତ୍ରୀଙ୍କୁ କୋରାପୁଟ ଏମପି ଦାବିପତ୍ର ପ୍ରଦାନ କରୁଛନ୍ତି।

## ଆଇନଜୀବୀ ରବୀନ୍ଦ୍ର ପାତ୍ର ସ୍ୱତନ୍ତ୍ର ପିପି ନିଯୁକ୍ତ
# ବିଜେଡିରେ ଯୋଗଦେବା ସମ୍ଭାବନା

ଜୟପୁର,୨୪।୧୧(ଡି.ଏନ୍.ଏ.)

କଂଗ୍ରେସର ବରିଷ୍ଠ ସଦସ୍ୟ ତଥା ଜିଲା ଆଇନଜୀବୀ ସଂଘ ସଂପାଦକ ରବୀନ୍ଦ୍ର ପାତ୍ରଙ୍କୁ ରାଜ୍ୟ ସରକାର ସ୍ୱତନ୍ତ୍ର ସରକାରୀ ଓକିଲ ଭାବେ ନିଯୁକ୍ତି ଦେଇଛନ୍ତି। ଏହି କ୍ରମରେ ସେ କଂଗ୍ରେସ ଛାଡ଼ି ବିଜେଡି ଶିବିରରେ ଯୋଗଦେବା ଚର୍ଚ୍ଚା ଜୋର୍ ଧରିଛି। ୨୮ ତାରିଖରେ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସେ ବିଜେଡିରେ ଯୋଗଦେବେ ବୋଲି ବିଜେଡି ସମର୍ଥିତ ଜଣେ ଆଇନଜୀବୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି ନେଇ ସଂପାଦକ ପାତ୍ର ସଂଘ ଦାୟିତ୍ୱରେ ଥିବାବେଳେ ଗତ ୧୧ ମାସ ଧରି କୋର୍ଟ ବର୍ଜନ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିଲା। ଗତ ନଭେମ୍ବର ୪ରେ ତାହା ସ୍ଥଗିତ ରଖାଯାଇଥିଲା। ତେଣୁ ତାଙ୍କୁ ଏହି ପଦବୀ ଦେଇ ରାଜ୍ୟ ସରକାର ପୁରସ୍କୃତ କରିଥିବା ସାଧାରଣରେ ଆଲୋଚନା ହେଉଛି। ଏନେଇ ଆଇନଜୀବୀ ପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ବିଜେଡିରେ ମିଶିବା ନେଇ ଚର୍ଚ୍ଚାର କୌଣସି ସତ୍ୟାସତ୍ୟ ନାହିଁ।

# ରାମନାଥ ପଣ୍ଡା ଫାଉଣ୍ଡେସନ ଗଠିତ

ଜୟପୁର,୨୪।୧୧(ଡି.ଏନ୍.ଏ.)

'ଧରିତ୍ରୀ' ଖବରକାଗଜର ପ୍ରଥମ ସଂପାଦକ ତଥା ସାହିତ୍ୟିକ ରାମନାଥ ପଣ୍ଡାଙ୍କ ନାଁରେ ଫାଉଣ୍ଡେସନ ରବିବାର ଜୟପୁରରେ ଗଠିତ ହୋଇଛି। ଏଥିପାଇଁ ଅନୁଷ୍ଠିତ ବୈଠକରେ ପ୍ରତିବର୍ଷ ରାମନାଥଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପାଳନ କରାଯିବା ସହ ବିଭିନ୍ନ ପ୍ରତିଯୋଗିତା, କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗଠିତ କମିଟିରେ ସଭାପତି ଭାବେ କମଳକୁମାରୀ ସାମନ୍ତରାୟ, ଉପସଭାପତି ବିଜୟ ପାତ୍ର, ସଂପାଦକ ଗୋପାଳକୃଷ୍ଣ ସାମନ୍ତରାୟ, ସହ ସଂପାଦକ ରଘୁନାଥ ବିଶ୍ୱାଳ, ଗୋପାଳକୃଷ୍ଣ ପଣ୍ଡା, ଉପଦେଷ୍ଟା ପ୍ରେମାନନ୍ଦ ଦାଶ, ସୁବାସ ଚନ୍ଦ୍ର ମିଶ୍ର, ଭାସ୍କର ସାମନ୍ତରାୟ ଥିବାବେଳେ ୬ ଜଣ ସଦସ୍ୟ ରହିଛନ୍ତି ।

# ପରିବେଶ ସଫା ରଖିବା ନେଇ ସଚେତନତା

ବିଷମକଟକ,୨୪।୧୧

ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଝିମିରିଗୁଡାଠାରେ ଥିବା ଡଙ୍ଗରିଆ ଏଜୁକେଶନ କମ୍ପ୍ଲେକ୍ସର ଛାତ୍ରୀମାନେ ଶନିବାର ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ଚାଟିକୋଣାସ୍ଥିତ ଶିବ ମନ୍ଦିର ପରିସରରେ ପଡିରହିଥିବା ଓଳିଆ ଆବର୍ଜନାକୁ ସଫା ସୁତରା କରିଥିଲେ। ଏଥିସହ ମନ୍ଦିରକୁ ଦର୍ଶନ କରିବା ନିମନ୍ତେ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଆମ ପରିବେଶକୁ ସଫା ସୁତରା ରଖିବା ନେଇ ସଚେତନତା କରିଥିଲେ । ଏଥିରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ସୁରେଶ କୁମାର ଦିକ୍ଷିତ୍, ଏଜୁକେଶନ କମ୍ପଲେକ୍ସର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ ।



ଡଙ୍ଗରିଆ ଛାତ୍ରୀଙ୍କ ସହ ଅନ୍ୟମାନେ।

# ସ୍କୁଲ ପିଲାଙ୍କଠାରୁ ଅଧିକ ଅର୍ଥ ଦାବି

କୋରାପୁଟ,୨୪।୧୧(ସ୍ୱ.ପ୍ର.)

- ପ୍ରତିବାଦରେ ଜିଲା ପ୍ରଶାସନକୁ ଦାବିପତ୍ର
- ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଜାମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କଠାରୁ ବିଭିନ୍ନ କାର୍ଯ୍ୟ ପାଇଁ ଅଧିକ ଅର୍ଥ ଦାବି କରାଯାଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶନିବାର ଜାମୁଣ୍ଡା ସରପଞ୍ଚଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ ବୁଦ୍ଧିଜୀବୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଜାମୁଣ୍ଡା ସରପଞ୍ଚ ତୀରୁ ଭୂମିଆ, ସମିତିସଭ୍ୟ କେ. ଇନ୍ଦ୍ରମା, ଜିଲା ପରିଷଦ ସଭ୍ୟ ମନ୍ଦର ଗାଦବା, ବିଦ୍ୟାଳୟ କମିଟି ସଭାପତି ଏମ୍. ଗୋପାଳ ରାଓଙ୍କ ସମେତ ଗ୍ରାମର ବହୁ ବୁଦ୍ଧିଜୀବୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହାପରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଡିଇଓଙ୍କୁ ମଧ ଦାବିପତ୍ର ଦିଆଯାଇଥିଲା। ଜାମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ୮ମରୁ ୧୦ମ ଶ୍ରେଣୀ ଯାଏ ୧୩୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ୨୦୦୮ରେ ନୂତନ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ନେବା ପରଠାରୁ ଏଠାରେ ନାମ ଲେଖାଉଥିବା ଛାତ୍ରୀଛାତ୍ରଙ୍କଠାରୁ ଅଧିକ ଅର୍ଥ ଆଦାୟ ହେଉଛି। ଅଷ୍ଟମ ଶ୍ରେଣୀ ପିଲାଙ୍କଠାରୁ ପ୍ରବେଶିକା ଫି' ବାବଦରେ ୪୫୦ ଟଙ୍କା, ନବମ ଶ୍ରେଣୀ ପିଲାଙ୍କଠାରୁ ୬୫୦ ଟଙ୍କା ଓ ଦଶମ ଶ୍ରେଣୀ ପିଲାଙ୍କଠାରୁ ୭୫୦ ଟଙ୍କା ନିଆଯାଉଛି। ଷ୍ଟଡି ସାର୍ଟିଫିକେଟ ପାଇଁ ପିଲା ପିଛା ୧୦୦୦ ଟଙ୍କା, ସରକାରଙ୍କ ପ୍ରଦତ୍ତ ସାଇକେଲ ପାଇବା ପାଇଁ ୨୦୦ ଟଙ୍କା, ଦଶମ ଶ୍ରେଣୀ ଫର୍ମ ଫିଲ୍-ଅପ୍ ପାଇଁ ୭୫୦ ଟଙ୍କା, ଫି ପ୍ରଦାନ ବିଳମ୍ବ ହେଲେ ଅଧିକ ୫ଶହ ଟଙ୍କା ଆଦାୟ ହେଉଛି। ବିଦ୍ୟାଳୟକୁ ଆସିଥିବା ବହି ପିଲାଙ୍କୁ ବଣ୍ଟା ନ ଯାଇ ରଖାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

